୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27. No.35 Bhubaneswar Thursday March 13 2025 | ୨୭ତମ ବର୍ଷ ସଂଖ୍ୟା-୩୫ ଭୁବନେଶ୍ବର, ଗୁରୁବାର, ମାର୍ଚ୍ଚ ୧୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ରାଜା ଚ଼କ୍ରଙ୍କ ନାଁରେ ୧୪ ମାମଲା: ତଦନ୍ତରେ କରୁଛନ୍ତି ଅସହଯୋଗ, ଗିରଫ ହୋଇପାରନ୍ତି ପତ୍ନୀଙ୍କ ସମେତ ୪ ସହଯୋଗୀ

ଭୁବନେଶ୍ବର,୧୨।୩(ପି.ଏନ): ବିଜେଡି ନେତା ରାଜା ଚ଼କ୍ରଙ୍କ ଅଡୁଆ ବଢ଼ିଲା । ସେ ଯେକୌଣସି ମୁହୂର୍ତ୍ତରେ ଗିରଫ ହୋଇପାରନ୍ତି । ତାଙ୍କ ପତ୍ନୀ ଓ ଅନ୍ୟ ୪ ସହଯୋଗୀ ସୁଶାନ୍ତ କୁମାର ସାମଲ, ସଦାଶିବ ସାମଲ, ସୁଧାଂଶୁ ଶେଖର ନାଏକ ଓ ସମୀର କୁମାର ଜେନାଙ୍କୁ ମଧ୍ୟ କ୍ରାଇମବ୍ରାଂଚ଼ ଅର୍ଥନୀତିକ ଅପରାଧ ଶାଖା ଖୁବଶୀଘ୍ର ନିଜ ହେପାଜତକୁ ନେଇ ଜେରା କରିବାର ସମ୍ଭାବନା ରହିଛି । ଏମାନଙ୍କ ଗିରଫଦାରୀ ଉପରେ ମିଳିଥିବା ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ଆଜି ଉଠାଇ ନେବାପରେ ସେମାନେ ଗିରଫ ହେବା ନିଶ୍ଚିତ ହୋଇଯାଇଛି । ରାଜାଙ୍କ ନାଁରେ ଅର୍ଥନୀତିକ ଅପରାଧ ଶାଖାରେ ଗୋଟିଏ ମାମଲା ସମେତ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନାରେ ୨୦୧୨ରୁ ୨୦୨୫ ମସିହା ମଧ୍ୟରେ ମୋଟ ୧୩ଟି ଥାନା ରୁଜୁ ହୋଇଛି ।ରାଜା ତଦନ୍ତରେ ସାମାନ୍ୟତମ ସହଯୋଗ କରୁନଥିବାବେଳେ ଗିରଫ ପରେ ଜେରାରେ ଅନେକ ବିସ୍ଫୋରକ ତଥ୍ୟ



ଦେବାର ଆଶଙ୍କା ରହିଛି । ରାଜାଙ୍କ ପତ୍ନୀଙ୍କ ଆକାଉଣ୍ଟକୁ ୧କୋଟି ୫୫ଲକ୍ଷ ୯୫ହଜାର ୬୨୫ଟଙ୍କାର ସନ୍ଦେହଜନକ ଟ୍ରାନ୍ସଫର ମଧ୍ୟ ତାଙ୍କ ପତ୍ନୀଙ୍କ ଅଡୁଆ ବ?ାଇଛି । କେବଳ ସେତିକି ନୁହେଁ ୧୪ଟି ଗାଁରେ ସିଏସଆର ଅର୍ଥକୁ ଖର୍ଚ୍ଚ ନକରି ନିଜେ ଚ଼ଲୁ କରିଦେଇଥିବାର ପ୍ରମାଣ ମଧ୍ୟ କେନ୍ଦୁଝର ସଦର ଓ ବାଂଶପାଳ ବ୍ଲକର ବିଡିଓଙ୍କ ସମେତ ଓଏମସିର ଗନ୍ଧମାର୍ଦ୍ଧନ ଆଂଚ଼ଳିକ କାର୍ଯ୍ୟାଳୟ ଲିଖିତ ଭାବେ ଦେଇଛି ।

## ସଂସଦରେ ଉଠିଲା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ପ୍ରସଙ୍ଗ

ଭୁବନେଶ୍ବର,୧୨।୩(ପି.ଏନ): ରାଜ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ପ୍ରସଙ୍ଗକୁ ନେଇ ସଂସଦରେ ସ୍ୱର ଉଠାଇଛନ୍ତି ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ । ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ପଞ୍ଚାୟତିରାଜ ବ୍ୟବସ୍ଥାର ସଶକ୍ତିକରଣ ଏବଂ ମହିଳାଙ୍କୁ ରାଜନୈତିକ ଅଧିକାର ଦେବାରେ ବିଜୁବାବୁ ସାରା ଦେଶ ପାଇଁ ଆଦର୍ଶ । ଯେଉଁଥି ପାଇଁ ଗତ ତିନି ଦଶନ୍ଧି ଧରି ରାଜ୍ୟ ସରକାର ତାଙ୍କ ଜନ୍ମ ତାରିଖ ମାର୍ଚ୍ଚ ୫ରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କରିବା ସହ ଏହି ଦିନକୁ ସରକାରୀ ଛୁଟି ଘୋଷଣା କରାଯାଇଥାଏ । ଚ଼ଳିତ ବର୍ଷ ମଧ୍ୟ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ସରକାରୀ କ୍ୟାଲେଣ୍ଡର ଓ ଡାଏରୀରେ ମାର୍ଚ୍ଚ ୫କୁ ସରକାରୀ ଛୁଟି ଘୋଷଣା କରାଯାଇଥିଲା । ହେଲେ ମାର୍ଚ୍ଚ ପ୍ରଥମ ସପ୍ତାହରେ ହଠାତ ସରକାର ଛୁଟି ବାତିଲ କରିବା ସହ ମାର୍ଚ୍ଚ ୫ ବଦଳରେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳିବାକୁ ଘୋଷଣା କରିଥିଲେ । ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ସଂସଦରେ ଆପତ୍ତି ଉଠାଇଛି ବିଜେଡି । ସେହିଭଳି ମହାଙ୍ଗାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ମଧ୍ୟ କଡା ନିନ୍ଦା କରିଛି ବିଜେଡି । ପୂର୍ବ ଭଳି ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ସହ ଏହି ଦିନକୁ ଛୁଟି ଘୋଷଣା କରିବାକୁ ଦାବି କରିଛନ୍ତି ଦେବାଶିଷ ।

## ପିସିସି ସଭାପତିଙ୍କ ସୂଚ଼ନା: ବିଧାନସଭା ଘେରାଉ କରିବ କଂଗ୍ରେସ

ଭୁବନେଶ୍ବର,୧୨।୩(ପି.ଏନ): ଆସନ୍ତା ୨୭ରେ ବିଧାନସଭା ଘେରିବ କଂଗ୍ରେସ । ଏ ନେଇ ସୂଚ଼ନା ଦେଲେ ପିସିସି ସଭାପତି ଭକ୍ତ ଚ଼ରଣ ଦାସ ।ତାରା ବାହିନୀପତିଙ୍କୁ ନିଲମ୍ବନର ପ୍ରତିବାଦ କରିବ କଂଗ୍ରେସ । ବାଚ଼ସ୍ପତି ସୁରମା ପା?ୀଙ୍କ ଗୃହ ପରିଚ଼ାଳନାକୁ ନିନ୍ଦା କଲା କଂଗ୍ରେସ ।ମଙ୍ଗଳବାର ଗୃହରେ ତାରାଙ୍କ ବିଶୃଙ୍ଖଳିତ ଆଚ଼ରଣ ପାଇଁ ବାଚ଼ସ୍ପତି ତାଙ୍କୁ ୭ ଦିନ ପାଇଁ ଗୃହରୁ ନିଲମ୍ବିତ କରିଛନ୍ତି । ଏହାର ପ୍ରତିବାଦରେ ଗତକାଲି ବିଧାନସଭା ପରିସରରେ ଥିବା ଗାନ୍ଧି ମୂର୍ତ୍ତି ତଳେ କଂଗ୍ରେସ ବିଧାୟକ ଧାରଣା ଦେଇଥିଲେ। କିନ୍ତୁ ପିସିସି ସଭାପତିଙ୍କ ଅନୁରୋଧ କ୍ରମେ ସେମାନେ ଧାରଣାରୁ ଉଠିଥିଲେ ।



## ହଟିଲା ସାମ୍ବାଦିକଙ୍କ ପାଇଁ ଲାଗୁ ହୋଇଥିବା କଟକଣା, ପ୍ରେସ ଗ୍ୟାଲେରୀକୁ ମିଳିଲା ମୋବାଇଲ ଅନୁମତି

ଭୁବନେଶ୍ବର,୧୨।୩(ପି.ଏନ): ସାମ୍ବାଦିକ ଓ ବାଚ଼ସ୍ପତିଙ୍କ ମଧ୍ୟରେ ଆଲୋଚ଼ନା ସଫଳ ହୋଇଛି । ସରକାରଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ଆଲୋଚ଼ନା ହୋଇଥିବା ବେଳେ ଏଥିରେ ପ୍ରେସ ଗ୍ୟାଲେରୀକୁ ମୋବାଇଲ ଅନୁମତି ମିଳିଛି ।କିନ୍ତୁ ପ୍ରେସ ଗ୍ୟାଲେରୀରୁ କୌଣସି ଫଟୋଗ୍ରାଫି କିମ୍ବା ଭିଡ଼ିଓଗ୍ରାଫି କରାଯାଇ ପାରିବନି। ବିଧାନସଭା ପକ୍ଷରୁ ଦିଆଯାଉଥିବା ଫଟୋଗ୍ରାଫି କିମ୍ବା ଭିଡ଼ିଓଗ୍ରାଫି ବ୍ୟବହାର କରିବାକୁ ବାଚ଼ସ୍ପତି ଅନୁରୋଧ କରିଛନ୍ତି । ତେଣୁ ଧାରଣା ପ୍ରତ୍ୟାହାର କରି ନ୍ୟୁଜ



ପରିବେଷଣ ପାଇଁ ବାଚ଼ସ୍ପତି ଅନୁରୋଧ କରିଛନ୍ତି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ।ତେବେ ଏହି ନିଷ୍ପତ୍ତି ପରେ ସାମ୍ବାଦିକମାନେ ଧାରଣା ପ୍ରତ୍ୟାହାର କରିଛନ୍ତି। ଶେଷରେ ସାମ୍ବାଦିକଙ୍କ ପାଇ ଲାଗୁ ହୋଇଥିବା କଟକଣା ହଟିବା ସହ ପ୍ରେସ ଗ୍ୟାଲେରୀକୁ ମୋବାଇଲ ନେବାକୁ ଅନୁମତି ମିଳିଗଲା ।ସୂଚ଼ନା ମୁତାବକ, ଗତକାଲି ବିଧାନସଭାରେ ଧସ୍ତାଧସ୍ତି ସହ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା । ଜୟନାରାୟଣ ମିଶ୍ର ଏବଂ ତାରା ବାହିନୀପତି ଗୃହରେ ଧସ୍ତାଧସ୍ତି ହୋଇଥିଲେ । ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଥିଲା । ଗଣତନ୍ତ୍ରର ମନ୍ଦିରରେ ଏଭଳି ଧସ୍ତାଧସ୍ତି ଗାଳି ଗୁଲଜକୁ ସମସ୍ତ ବିରୋଧ କରୁଥିବା ମଧ୍ୟ ଦେଖାଯାଇଥିଲା ।ଏହାପରେ ଆଜି ସାମ୍ବାଦିକଙ୍କୁ ମୋବାଇଲ ଫୋନ ବାରଣ କରାଯାଇଥିଲା । କିନ୍ତୁ ଏହାକୁ ଗ୍ରହଣ କରିପାରିନଥିଲେ ସାମ୍ବାଦିକ । ସମସ୍ତ ସାମ୍ବାଦିକ ଏହାର ପ୍ରତିବାଦ କରି ପ୍ରେସ ଗ୍ୟାଲେରୀକୁ ଯିବାକୁ ବୟକଟ କରିଥିଲେ । ଏହାସହିତ ସାମ୍ବାଦିକମାନେ ଗାନ୍ଧୀମୂର୍ତ୍ତି ତଳେ ଧାରଣ ଦେଇଥିଲେ ।

## ଅଧାରେ ଅଟକିଛି ପାର୍କ କାମ, ଖତ ଖାଉଛି ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଭୁବନେଶ୍ବର,୧୨।୩(ପି.ଏନ): ନୀଳଗିରିରେ ଶିଶୁ ଆମୋଦ ହୋଇଛି ସାତ ସପନ। ଅଧାରେ ଅଟକିଛି ପାର୍କ କାର୍ଯ୍ୟ । ସ୍ମାଟ ପାର୍କରେ ଖତ ଖାଉଛି ଲକ୍ଷାଧିକ ଟଙ୍କାର ସାମଗ୍ରୀ । ହେଲେ ସେସବୁ ପିଲା ମାନଙ୍କ କାମରେ ଆସୁନି । ସାମାନ୍ୟ ମୋନରଞ୍ଜନ ପାଇଁ କୁନି କୁନି ଶିଶୁଙ୍କୁ ହତାଦର ହେବାକୁ ପଡୁଛି। ଏସବୁ ପ୍ରତି ନୀଳଗିରି ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ଅଭିଯୋଗ ।ଅଧାରେ ଅଟକିଛି ପାର୍କ କାମ । ଖତ ଖାଉଛି ଲକ୍ଷାଧିକ ଟଙ୍କାର ସାମଗ୍ରୀ । ଗେଟରେ ଝୁଲୁଛି ତାଲା । ହେଲେ ପିଲାଙ୍କୁ ମିଳିପାରୁନି ଆମୋଦ ପ୍ରମୋଦ ନିମନ୍ତେ ଶିଶୁ ଉଦ୍ୟାନଟିଏ । ଆମେ ଆପଣଙ୍କୁ କହୁଛୁ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ବିଷୟରେ । ଏଠାରେ ପିଲାଙ୍କ ପାଇଁ ଗୋଟିଏ ପାର୍କଟିଏ ନଥିବାରୁ ପିଲାମାନେ ମୋବାଇଲ ମୁହାଁ ହେବା ସହିତ ଖେଳକୁଦରୁ ରୁଚ଼ି କମାଇ ସାରିଲେଣି



। ପିଲାଙ୍କ ମନୋରଞ୍ଜନ ପାଇଁ ନୀଳଗିରି ଉପଖଣ୍ଡ ଚ଼ିକିତ୍ସାଳୟକୁ ଲାଗି ୨୦୧୮ ମସିହାରେ ଏକ ଶିଶୁ ଉଦ୍ୟାନଟିର ଉଦଘାଟନ କରାଯାଇଥିଲା । ହେଲେ ତାହା ରକ୍ଷଣାବେକ୍ଷଣା ଅଭାବରୁ ବନ୍ଦ ହୋଇପଡିଛି । ସେହିପରି ନୀଳଗିରି ରାଡାର ରାସ୍ତାରେ ଏନଏସି ପକ୍ଷରୁ ସହରବାସୀଙ୍କ ନିମନ୍ତେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ଏକ ସ୍ମାର୍ଟ ପାର୍କ ନିର୍ମାଣଧୀନ ଅବସ୍ଥାରେ ରହିଥିବା ବେଳେ କାମ ବନ୍ଦ ହୋଇଥିବାରୁ ତାହା ବନର ଭ୍ରମ ସୃଷ୍ଟି କରୁଛି । ସରକାର ପରିବର୍ତ୍ତନ ହେବା ପରେ ପାର୍କ କାମ ବନ୍ଦ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ନୀଳଗିରି ସହରର ଜେଲ ସମ୍ମୁଖରେ ମୁକ୍ତା ଯୋଜନାରେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ନିର୍ମିତ ମିନି ପାର୍କର ଅବସ୍ଥା ମଧ୍ୟ ସମାନ । ଏଠାରେ ୯୦ ପ୍ରତିଶତ କାମ ସରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ । ଫଳରେ ଏହା ସରୀସୃପ ମାନଙ୍କ ଆଡ୍ଡାସ୍ଥଳ ପାଲଟିଛି । ସେହିପରି ନୀଳଗିରିର ୧୩ଟି ୱାର୍ଡ ଓ ବଜାରରେ ହୋଇଥିବା ଓପନ ଜିମ ଗୁଡିକ ମଧ୍ୟ ରକ୍ଷଣାବେକ୍ଷଣା ଅଭାବରୁ ଅଚ଼ଳ ହେବାକୁ ବସିଲାଣି । ଏନେଇ ନୀଳଗିରି ଭାରାପ୍ରାପ୍ତ ଏନଏସି ଅଧ୍ୟକ୍ଷଙ୍କୁ ପଚ଼ାରିବାରୁ ସେ କହିଛନ୍ତି ମେଡିକାଲ ନିକଟ ପାର୍କଟି ମେଡିକାଲର ସ୍ଥାନ ହୋଇଥିବାରୁ ତାକୁ ବନ୍ଦ କରାଯାଇଛି । ସେ ସାମଗ୍ରୀକୁ ଅନ୍ୟତ୍ର ବ୍ୟବହାର କରାଯିବ ସେହିପରି ମିନି ପାର୍କର ଫଣ୍ଡ ସରିବାରୁ କିଛି କାମ ବାକି ଅଛି ତାକୁ ସାରି ଗୋଟିଏ ମାସ ଭିତରେ ଖୋଲାଯିବ ଓ ସ୍ମାର୍ଟ ପାର୍କର ଅନେକ କାର୍ଯ୍ୟ ବାକି ରହିଛି ତାର କାମ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ କହିଛନ୍ତି।

## ତାଳଚେର ବଳରାମ କୋଇଲା ଖଣିରେ ଅଘଟଣ : କ୍ରେନ ଟୋଚ଼ନ ଛିଣ୍ଡି ଜଣେ ମୃତ

ଭୁବନେଶ୍ବର,୧୨।୩(ପି.ଏନ): ତାଳଚେର ବଳରାମ କୋଇଲା ଖଣିରେ ଚ଼ାଲିଥିବା କନଭେୟର ନିର୍ମାଣ କାର୍ଯ୍ୟବେଳେ ଅଘଟଣ । କ୍ରେନ ଟୋଚ଼ନ ଛିଣ୍ଡି ଜଣେ ମୃତ, ଜଣେ ଗୁରୁତର । ମୃତକ କେନ୍ଦୁଝର ଜିଲ୍ଲା ଶଙ୍ଖଲେଇ ଗାଁର ଦୁଷ୍ମନ୍ତ ନାୟକ । ଗୁରୁତର କୋଲକାତା ଅଞ୍ଚଳର ସୁବିର ଚ଼କ୍ରବର୍ତ୍ତୀଙ୍କୁ ସ୍ଥାନୀୟ ପବିତ୍ର ମୋହନ ପ୍ରଧାନ ସରକାରୀ ଚ଼ିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ହିଙ୍ଗୁଳା କୋଇଲା ଖଣିରୁ ବଳରାମ କୋଇଲା ଖଣିର ୯ନ ମ୍ବର ଓ ୧୦ ନମ୍ବର ସାଇଡିଂକୁ କୋଇଲା ପରିବହନ ପାଇଁ କନଭେୟର କାର୍ଯ୍ୟକୁ ଏକ ଠିକା ସଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟ ଜାରି ରହିଛି । କୋଇଲାଖଣିରୁ ବଳରାମ ସାଇଡିଂ କୁ କୋଇଲା



ପରିବହନ ପାଇଁ କନଭେୟର କାର୍ଯ୍ୟ ପାଇଁ କ୍ରେନ ସାହାଯ୍ୟରେ ଲୁହାଖଣ୍ଡ ଉପରକୁ ଉଠୁଥିଲା । କମ୍ପାନୀ କର୍ତ୍ତୃପକ୍ଷଙ୍କ ଅସାବଧାନତା ଯୋଗୁଁ କ୍ରେନର ଟୋଚ଼ନ ଟି ଛିଣ୍ଡିପଡିଥିଲା । ଫଳରେ ଶ୍ରମିକଙ୍କ ଉପରେ ଲୁହାଖଣ୍ଡ ପଡିଯିବାରୁ ଜଣେ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ଘଟଣାସ୍ଥଳରେ ବଳରାମ ଓ ହିଙ୍ଗୁଳା କୋଇଲା ଖଣିର ବରିଷ୍ଠ ଅଧିକାରୀ ଓ ଗୋପାଳପ୍ରସାଦ ପୋଲିସ ପହଞ୍ଚି ଅଧିକ ତଦନ୍ତ ଚ଼ଳାଇଛି।

## ଓଡ଼ିଶା ଆସିବେ ରାଷ୍ଟ୍ରପତି



ଭୁବନେଶ୍ବର,୧୨।୩(ପି.ଏନ): ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ୨୪ ତାରିଖରେ ଶ୍ରୀକ୍ଷେତ୍ରର ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋସ୍ଥିତ ମହାପ୍ରଭୁ ନୀଳମାଧବଙ୍କୁ ଦର୍ଶନ କରିବା ପାଇଁ ଆସିବା ନେଇ ଜଣାପଡିଛି । ତେବେ ଏନେଇ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଯାଞ୍ଚ କରାଯାଇଛି । ଜିଲ୍ଲାପାଳ ଏବଂ ଏସପି ପୂର୍ବ ସ୍ଥିତି ସମୀକ୍ଷା କରିଛନ୍ତି ।ତେବେ ମଙ୍ଗଳବାର ଦିନ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନେତୃତ୍ୱରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅନେକ ଉଚ୍ଚ଼ ପଦସ୍ଥ କର୍ମଚ଼ାରୀ କଣ୍ଟିଲୋ ଆସିଥିଲେ । ଏହାପରେ ଜିଲ୍ଲାପାଳଙ୍କ ସହିତ ଆଲୋଚ଼ନା କରିଥିଲେ । ମନ୍ଦିର ବୁଲିବା ସହିତ ସବୁଧା ଅସୁବିଧା ମଧ୍ୟ ତଦାରଖ କରିଥିଲେ ।ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଗନ୍ନାଥ ସଂସ୍କୃତିର ମୂଳପୀଠ ଭାପୁର ବ୍ଲକ ଅଧୀନ କାଳିଆପଲ୍ଲୀ ଜଙ୍ଗଲ ମଧ୍ୟରେ ଥିବା ଶବର ରାଜା ବିଶ୍ୱାବସୁ ଓ ଲଳିତାଙ୍କର ଜନ୍ମମାଟି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଗନ୍ନାଥ ସଂସ୍କୃତିର ମୂଳପୀଠ ଭାପୁର ବ୍ଲକ ଅଧୀନ କାଳିଆପଲ୍ଲୀ ଜଙ୍ଗଲ ମଧ୍ୟରେ ଥିବା ଶବର ରାଜା ବିଶ୍ୱାବସୁ ଓ ଲଳିତାଙ୍କର ଜନ୍ମମାଟି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ କରାଯାଇଛି । ଜିଲ୍ଲାପାଳ ଏବଂ ଏସପି କାଳିଆପଲ୍ଲୀ ପରିଦର୍ଶନ କରି ଲଳିତ ମାଧବଙ୍କୁ ଦର୍ଶନ କରିଥିଲେ ।

## ଗାଇଡଲାଇନ୍ ଜାରି କଲା କମିଶନରେଟ୍ ପୋଲିସ, ମଦ ପିଇ ହୋଲି ଖେଳିଲେ ବନ୍ଧା ହେବେ

ଭୁବନେଶ୍ବର,୧୨।୩(ପି.ଏନ): ଆଉ ମାତ୍ର ୨ ଦିନ ପରେ ରଙ୍ଗର ପର୍ବ ହୋଲି । ଏନେଇ ବଜାର ପୁରା ରଙ୍ଗିନ । ବିଭିନ୍ନ ରଙ୍ଗ ବେରଙ୍ଗର ଅବିର ବିକ୍ରି କରୁଛନ୍ତି ଦୋକାନୀ । ଏହାରି ଭିତରେ କମିଶନରେଟ୍ ପୋଲିସ ହୋଲି ନେଇ ଗାଇଡଲାଇନ ଜାରି କରିଛି । ମଦ ପିଇ ହୋଲି ଖେଳିଲେ ବନ୍ଧା ହେବେ ବୋଲି ଭୁବନେଶ୍ୱର ଡିସିପି କହିଛନ୍ତି । ଡିସିପି ଜଗମୋହନ ମୀନାଙ୍କର କହିବା ଅନୁସାରେ,



ମଦ୍ୟପାନ କରି କୌଣସି ନଦୀ, ପୋଖରୀରେ ଗାଧୋଇବା ମନା । ହୋଲି ଦିନ ସହରରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ।ସବୁ ଗାଧୁଆ ଘାଟରେ ପୋଲିସ ସହ ଅଗ୍ନିଶମ କର୍ମଚ଼ାରୀ ରହିବେ । ତେବେ ହୋଲି ଦିନ ଯେଉଁମାନେ ରାସ୍ତା ଉପରେ ହୋଲି ଖେଳି ଗହଳି କରିବେ ସେମାନଙ୍କୁ ପିସିଆର ଉଠାଇ ନେଇଯିବ ।

## ଆସୁଛି ହୋଲି, ଖୋଲିଲାଣି ରଙ୍ଗ ପସରା

ଭୁବନେଶ୍ବର,୧୨।୩(ପି.ଏନ): ଆଉ ଦିନ କେଇଟା ପରେ ଦୋଳ ପୂର୍ଣ୍ଣିମା ସାଙ୍ଗକୁ ଭାଇଚ଼ାରାର ପର୍ବ ହୋଲି । ସାତ ରଙ୍ଗରେ ରଙ୍ଗୀନ ହେବା ପାଇଁ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି । ପୁରୀ ଜିଲ୍ଲା କାକଟପୁର, ଅସ୍ତରଙ୍ଗରେ ଖୋଲିଲାଣି ରଙ୍ଗର ପସରା । ଚ଼ଳିତ ବର୍ଷ ହର୍ବାଲ ରଙ୍ଗ କିଣିବାକୁ ଗ୍ରାହକ ଅଧିକ ପସନ୍ଦ କରୁଛନ୍ତି । ଏବଂ ପିଲାଙ୍କୁ ବେଶ ଆକୃଷ୍ଟ କରୁଛି ପୁଷ୍ପା କୁରାଢ଼ୀ ଓ ତ୍ରିଶୂଳ ପିଚ଼କାରୀ ।ଘଣ୍ଟ ମୃଦଙ୍ଗରେ କମ୍ପୁଛି ଦାଣ୍ଡ । ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ । ଆଉ ଦିନ କେଇଟା ପରେ ଦୋଳ ପୂର୍ଣ୍ଣିମା ସେଥିପାଇଁ ଚ଼ଳଚ଼ଞ୍ଚଳ ହୋଇପଡିଛି ପ୍ରାଚ଼ୀ ଉପତ୍ୟକା । ରାଧା ଗୋବିନ୍ଦ



ବିମାନରେ ବସି ଘରକୁ ଘରୁ ବୁଲି ଭକ୍ତଙ୍କ ହାତରୁ ଭୋଗ ଖାଇ ଗାଁ ପରିକ୍ରମା କରୁଛନ୍ତି । ଭାଇଚ଼ାରାର ପର୍ବ ହୋଲି ପାଇଁ ପୁରୀ ଜିଲ୍ଲା କୋଣାର୍କ, କାକଟପୁର ଓ ଅସ୍ତରଙ୍ଗରେ ଖୋଲିଲାଣି ରଙ୍ଗର ପସରା । ବିଶେଷ କରି ହୋଲସେଲ ଦୋକାନରେ ଭିଡ଼ ଦେଖିବାକୁ ମିଳିଛି । ଜସ୍ମିନ, ଲାଭେଣ୍ଡର ଭଳି ହର୍ବାଲ ରଙ୍ଗ କିଣିବାକୁ ଗ୍ରାହକ ଅଧିକ ପସନ୍ଦ କରୁଛନ୍ତି। କୋଣାର୍କ, କାକଟପୁର ଓ ଅସ୍ତରଙ୍ଗ ହୋଲସେଲ ରଙ୍ଗ ବଜାରରୁ ସ୍ଥାନୀୟ ଲୋକଙ୍କ ବ୍ୟତୀତ ବିଭିନ୍ନ ଅଞ୍ଚଳର ଖୁଚୁରା ବ୍ୟବସାୟୀ ରଙ୍ଗ କିଣିଥାନ୍ତି । ଚ଼ଳିତ ବର୍ଷ ହର୍ବାଲ ରଙ୍ଗ କିଣିବାକୁ ଲୋକେ ପସନ୍ଦ କରୁଛନ୍ତି । ଏଥିସହ ଛୋଟ ପିଲାଙ୍କ ପାଇଁ ବଜାରକୁ ଆସିଥିବା ପୁଷ୍ପା କୁରାଢ଼ୀ, ତ୍ରିଶୂଳ, ହାତୁଡି ଭଳି ପିଚ଼କାରୀ ପିଲାଙ୍କୁ ବେଶ ଆକୃଷ୍ଟ କରୁଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିକ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ:** ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ:** ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ:** ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ:** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ:** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା:** ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା:** ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା:** ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ:** ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର:** କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ:** ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ:** ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପ୍ରସିଦ୍ଧ ହରିରାଜପୁର ଦୋଳ ମେଳଣ



ଋତୁରାଜ ବସନ୍ତଙ୍କର ଆଗମନକୁ ସ୍ୱାଗତ କରିବାରେ ଦୋଳପର୍ବ ଉଦ୍ଦିଷ୍ଟ ବୋଲି ଗ୍ରହଣ କରାଯାଏ। ଏହା ଏପରି ଏକ ସମୟ ଯେତେବେଳେ ଶୀତର ଶୈତ୍ୟ ଅଥବା ଗ୍ରୀଷ୍ମର ପ୍ରକୋପ ନଥାଏ। ଦ୍ୱାଦଶ ଶତାବ୍ଦୀର ଓଡ଼ିଆ ଜ୍ୟୋତିର୍ବିଦ ଶତାନନ୍ଦଙ୍କ ‘ଶତାନନ୍ଦ ସଂଗ୍ରହ’ ଅନୁସାରେ ଓଡ଼ିଶାରେ ଦୋଳଯାତ୍ରା ଦୀର୍ଘ ୮୦୦ବର୍ଷ ହେଲା ପାଳିତ ହୋଇ ଆସୁଅଛି। ଏହି ଯାତ୍ରା ପୂର୍ଣ୍ଣିମାବାସୀଠୁ ପାଞ୍ଚଦିନ ଧରି ପାଳିତ ହୁଏ ବୋଲି ଏହାକୁ ରଜଦୋଳ ବା ପଞ୍ଚୁଦୋଳ ବୋଲି କୁହନ୍ତି। କେତେକ ସ୍ଥଳରେ ଫାଲଗୁନ ପୂର୍ଣ୍ଣିମା ଠାରୁ ଧରି ପାଞ୍ଚଦିନ ମଧ୍ୟ ହୋଇଥାଏ। ଆଉ କୋଉଠି ଦଶମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ଶେଷ ହୁଏ। ପୁନଶ୍ଚ ପୂର୍ଣ୍ଣିମାକୁ ଧରି ଯେଉଁ ଦୋଳଯାତ୍ରା ଦିବସ ଅନୁସାରେ ପାଳନ କରାଯାଏ ତାହାକୁ ଦିବସ ନେଇ ଦି’ ଦୋଳ, ତିନିଦୋଳ, ପଞ୍ଚଦୋଳ, ...., ନ’ ଦୋଳ ବା ଦଶଦୋଳ କୁହାଯାଏ। ଓଡ଼ିଆ ପାଞ୍ଜି ଅନୁସାରେ ଫାଲଗୁନ ପୂର୍ଣ୍ଣିମାହିଁ ଦୋଳ ପୂର୍ଣ୍ଣିମା। ଫାଲଗୁନ ଦଶମୀ ବା ଫଗୁଦଶମୀ ହିଁ ଦୋଳୋତ୍ସବର ଆରମ୍ଭ ଦିବସ ବୋଲି ଧରାଯାଇଛି। ଏମିତିରେ ଚୈତ୍ର ଦଶମୀ ପର୍ଯ୍ୟନ୍ତ ବା ତା’ ମଧ୍ୟରେ ସ୍ଥାନ କାଳ ନେଇ ଏହା ପାଳିତ ହୁଏ। ଏହି ଉତ୍ସବର ମୁଖ୍ୟ ଆରାଧ୍ୟ ଠାକୁର ହେଉଛନ୍ତି ରାଧା ଓ କୃଷ୍ଣ। ଏହା ତାଙ୍କର ବସନ୍ତ ରାସୋତ୍ସବ। ଏଥିରେ ତାଙ୍କୁ ଅବିର ଏବଂ ଭୋଗ ଅର୍ପଣ କରାଯାଏ।



ଏଠାରେ ସୂଚାଇ ଦେଉଛୁ ଯେ ସାଧାରଣତଃ ଅନ୍ୟ ଦିନମାନଙ୍କରେ ଭକ୍ତମାନେ ମନ୍ଦିରକୁ ଭୋଗରାଗ ନେଇ ଠାକୁରଙ୍କ ଦର୍ଶନ ପାଇଁ ଯାଇଥାନ୍ତି ଅଥଚ ଦୋଳୋତ୍ସବରେ ଠାକୁର ତାଙ୍କ ପ୍ରଜା ବା ଭକ୍ତଙ୍କ ଦ୍ୱାରକୁ ଭୋଗ ଖାଇ ଆସିଥାନ୍ତି। ସେଥିପାଇଁ ତାଙ୍କୁ ଦୋଳା / ଦୋଳ ବା ବିମାନରେ ବସାଇ ଭକ୍ତମାନେ କାନ୍ଧରେ ବୋହି ନାନା ପ୍ରକାର ନାଚ, ଗୀତ, ସଂକୀର୍ତ୍ତନ, ବାଣ ଓ ରୋଷଣୀରେ ଗ୍ରାମର ପ୍ରତିଟି ହିନ୍ଦୁ ପରିବାର ଦୁଆରେ ନେଇ ଭୋଗ

ଶ୍ରୀ ଶ୍ରୀ ସୋମନାଥ ଦେବ, ଭିନ୍ନନାମେ ପଶ୍ଚିମାଶମ୍ଭୁ ଦେବ। ସେ ଅନ୍ୟାନ୍ୟ ଦେବମାନଙ୍କୁ ନିମନ୍ତ୍ରଣ କରନ୍ତି। ତାଙ୍କ ତରଫରୁ ପୂଜକମାନେ, ଫୁଲ, ଚନ୍ଦନ, ଗୁଆ, ଦୁଅ, ବେଲପତ୍ର, ସୁଳସଜଟା, ଧତ୍ରୀମାଳ ଏବଂ ଅକ୍ଷତ ଇତ୍ୟାଦି ନେଇ ଶ୍ରୀ ଶ୍ରୀ ଦେବମାନଙ୍କୁ ମେଳଣ ଉଦ୍ଦେଶ୍ୟରେ ନିମନ୍ତ୍ରଣ ଦେଇ ଆସନ୍ତି ଏବଂ ସେମାନେ ନିମନ୍ତ୍ରଣ ରକ୍ଷା କରି ତାଙ୍କ ସହିତ ଯୋଗଦିଅନ୍ତି। ଯାତ୍ରାର ପର୍ବ ଏହିପରି ପ୍ରଥମେ ଆରମ୍ଭ ହୁଏ। ଶ୍ରୀ ଶ୍ରୀ ହରିରାଜପୁର ସୋମନାଥ ଦେବ ଗ୍ରାମ ପରିକ୍ରମା ପରେ କୁଦିଆରୀ ପଥର ଚକଡ଼ାଠି ବିଜେ ହୁଅନ୍ତି। ସେଠାରେ ହରିହର ଭେଟ ହୁଏ। ଏହାପରେ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ସହ ଠାକୁରମାନେ ଶଙ୍ଖ, କାହାଳୀ, ଘଣ୍ଟ ମହୁରୀ, ଢ଼ୋଲ, ମର୍ଦ୍ଦଳ ଓ କୀର୍ତ୍ତନ ମଧ୍ୟରେ ମେଳଣ ପଡ଼ିଆଠି ବିଜେ ହୁଅନ୍ତି। ମେଳଣ ପଡ଼ିଆରେ



ଖୁଆଇଥାନ୍ତି। ଦୋଳ ବା ଦୋଳରେ ବିଜେ ହେତୁ ଏହା ଦୋଳ ଉତ୍ସବ।

ଏହି ଭୋଗଖିଆ ପର୍ବ ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ଦୋଳୋପୂର୍ଣ୍ଣିମା ଦିନ ମଧ୍ୟରେ ପ୍ରତିଟି ଗାଁରେ ସରିଥାଏ। ତା’ପରେ ଆରମ୍ଭ ହୁଏ ଦୋଳଯାତ୍ରା। ଦୋଳଯାତ୍ରା ଦିନ ପ୍ରତିଟି ଗାଁରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକ ଧରି ଠାକୁରମାନେ ବାଣ, ରୋଷଣୀ, ମଶାଲ ଓ ବାଜା ମାଧ୍ୟମରେ ପଟୁଆରରେ ଆସି ଗ୍ରାମ ବାହାରେ ଅଥବା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର କେନ୍ଦ୍ରସ୍ଥଳରେ ଉପସ୍ଥିତ ହୁଅନ୍ତି। ଏହି ସ୍ଥାନକୁ କୁହନ୍ତି ମେଳଣ ବା ଭେଟ୍‌ଭାଟ୍ ପଡ଼ିଆ। ଠାକୁରମାନଙ୍କ ଉପସ୍ଥିତି ଧରି ଏଠାରେ ଦୋକାନ ବଜାର,ହାଟ, ନାଟି, ଯାତ୍ରା, ତାମସା, ବ୍ୟବସାୟ, ବଣିଜ ପ୍ରଦର୍ଶନୀ, ପ୍ରଦର୍ଶନ ଓ ଏମିତି କେତେକ’ଣ ଥୋକାଏ ଦିନ ଚାଲେ।

ଓଡ଼ିଶାର ପୁରପଲ୍ଲୀରେ ଦୋଳପର୍ବ ମହାସମାରୋହରେ ପାଳିତ ହୁଏ। ତେବେ ଦୋଳପର୍ବକୁ ନେଇ ଓଡ଼ିଶାର ଯେଉଁ କେତୋଟି ସ୍ଥାନ ପ୍ରସିଦ୍ଧ ଲାଭ କରିଛନ୍ତି, ସେମାନଙ୍କ ମଧ୍ୟରୁ ହରିରାଜପୁର ଦୋଳ ମେଳଣ ଅନ୍ୟତମ।

ପହଞ୍ଚିଲା ମାତ୍ରେ ସେଠାରେ ତାଙ୍କର ପୂଜାର୍ଚ୍ଚନା, ନୈବେଦ୍ୟ ଆରମ୍ଭ ହୋଇଯାଏ। ଭକ୍ତମାନେ ତାଙ୍କର ଭକ୍ତି ଅର୍ଘ୍ୟ ଅର୍ପଣ କରନ୍ତି।

ମେଳଣ ପଡ଼ିଆରେ ଠାକୁରମାନେ ଦୁଇଦିନ ଅବସ୍ଥାନ କରି ତାଙ୍କର ସଭାକାର୍ଯ୍ୟ ଚଳାନ୍ତି। ଶେଷଦିନ ରତ୍ନ ମଣ୍ଡପକୁ ଠାକୁରମାନଙ୍କ ପ୍ରାଧାନ୍ୟ ନେଇ ଜଣଙ୍କ ଜଣେ ଉଠନ୍ତି। ପୁନଶ୍ଚ ବାଜା ବାଜାନ୍ତରୀରେ ସ୍ଥାନଟି ଚେଇଁ ଉଠେ ହଜାର ହଜାର ଲୋକଙ୍କ ସମାବେଶରେ ଅବିର ବର୍ଷଣରେ ମାଟି, ମଣିଷ, ଦିଅଁ, ଦୋଳ ଆକାଶ ଓ ପବନ ଇତ୍ୟାଦି ଅସ୍ତଗାମୀ ସୂର୍ଯ୍ୟଙ୍କର .... ଏବଂ ରକ୍ତି ଆଭାପରି ଅବିର ମୟ ପାଲଟି ଯାଇଥାନ୍ତି।

ଏହା ଏକ ଏମିତି ଉନ୍ମାଦ ଯାହାକୁ ଭାଷାରେ କହିହେବ ନାହିଁ। ଏହାପରେ ଠାକୁରମାନେ ଆଗାମୀ ବର୍ଷକୁ ଅପେକ୍ଷା କରି ସ୍ୱାସ୍ଥ୍ୟବାନ ବା ଗ୍ରାମକୁ ଫେରିଯାଇଥାନ୍ତି।

ହରିରଜାପୁର ମେଳଣ ଇତିହାସ ପ୍ରସିଦ୍ଧ ଅଟେ। ଏହା ଏମିତି ସେମିତି ମେଳଣ ନୁହେଁ।

ହରିରାଜପୁର ଗ୍ରାମଟି ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ବା ଜଟଣୀ ଠାରୁ ମାତ୍ର ଦୁଇ କି.ମି. ଦୂରରେ ପିପିଲି-ଜଟଣୀ ରାସ୍ତା କଡ଼ରେ ଏବଂ ଭୁବନେଶ୍ୱର ଠାରୁ ମାତ୍ର କୋଡ଼ିଏ କି.ମି. ଦୂରରେ ଅବସ୍ଥିତ। ଏଠାକୁ ଗମନାଗମନ ପାଇଁ କୌଣସି ଅସୁବିଧା ନାହିଁ।ଟ୍ରେନ୍ ଯୋଗେ ଖୋର୍ଦ୍ଧାରୋଡ଼ ଆସି ଭିନ୍ନ ଭିନ୍ନ ଯାନଧରି ଏଠାକୁ ଆସିହେବ। ସହଜେ ବସ୍ ଇତ୍ୟାଦିର ସୁଲଭତା ଅଛି। ଏହାର ଚାରିପଟେ ରଥିପୁର ଗଡ଼ , ଅରାଗଡ଼, ଗଡ଼କୁରୁଖି ଏବଂ ଅନ୍ୟାନ୍ୟ ଐତିହାସିକ ସ୍ଥାନମାନ ଅଛି। ଅନତିଦୂରରେ ଇତିହାସ ପ୍ରସିଦ୍ଧ ଦୟାନଦୀ ପ୍ରବାହିତ।



ଐତିହାସିକ ତଥ୍ୟରୁ ଜଣାଯାଏ ଯେ ଖୋର୍ଦ୍ଧାରେ ଶାସନ କରୁଥିବା ଗଜପତି ମହାରାଜ, ନରସିଂହ ଦେବ (୧୬୨୧ ରୁ ୧୬୪୭)ଙ୍କ ସମୟରୁ ହରିରାଜପୁରରେ ଦୋଳ ମେଳଣ ହୋଇଆସୁଅଛି। ଐତିହାସିକ ଦିବ୍ୟସିଂହ ଚମ୍ପତିଙ୍କ ମତରେ ୧୬୩୭ ଖ୍ରୀଷ୍ଟାବ୍ଦରେ ଏହାର ଆରମ୍ଭ ହୋଇଥିଲା। ଏହି ମେଳଣ ପ୍ରଥମ ଆୟୋଜକ ଏବଂ ପୁରୋଧାଥିଲେ ହରିରାଜପୁରର ବାବାଜୀ ଶ୍ରୀ ଗୋବର୍ଦ୍ଧନ ଦାସ ଏବଂ ଖରୁତା ଗ୍ରାମର ମହାଜନ ନିତେଇ ସାହୁ। ଏକଦା ଏ ଦୁହେଁ ରଥଯାତ୍ରାରୁ ଫେରୁଥିବା ବେଳେ ଏମିତି ଏକ କଥପୋକଥନରୁ ଆରମ୍ଭ ହେଲା ଯେ ଆମେ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ (ହରିରାଜପୁର)ଙ୍କୁ କେନ୍ଦ୍ରକରି ଏକ ଦୋଳ ମେଳଣ କଲେ କେମିତି ହୁଅନ୍ତା? ଏହି ଭାବନାକୁ ଆଧାରକରି ଏବଂ ଏହାକୁ ରୂପ ଦେବାରେ ତତ୍‌ଜନିତ ଆର୍ଥିକ ବୋଝ ଲାଘବ ପାଇଁ ମୁଠିଭିକ୍ଷାର ଆଶ୍ରୟ ନେଇଥିଲେ।

ଏହି ଦୋଳ ଯାତ୍ରା ଚୈତ୍ର ପଞ୍ଚମୀ ଏବଂ ସ୍ଥାନୀୟ ପଞ୍ଚଦେବତାଙ୍କୁ ନେଇ କରାଯାଇଥିବାରୁ ଏହାର ନାମ ରଖାଗଲା ହରିରାଜପୁର ପଞ୍ଚୁଦୋଳ। ଏହି ପାଞ୍ଚ ଠାକୁର ହେଲେ ସାନାଧିପତି ଶ୍ରୀ ଶ୍ରୀ ସୋମନାଥ ଦେବ, ହରିରାଜପୁର; ଶ୍ରୀ ଶ୍ରୀ ସୋମନାଥ ଦେବ ବୁଢ଼ାପଡ଼ା; ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, କନ୍ତିଆ; ନୀଳକଣ୍ଠେଶ୍ୱର ଦେବ, ଭଁସର ଏବଂ ଶ୍ରୀ ଶ୍ରୀ ଗତିଶ୍ୱେର ଦେବ, କୁଶମାଟି। ପ୍ରଥମେ ଠାରକୁମାନେ ଦୋଳ ବିମାନରେ ଆସି ଭଁସର ଠାରେ ବିରାଜମାନ କରୁଥିଲେ ଏବଂ ସେଠାରେ ହିଁ ଦୋଳ ମେଳଣ ହେଉଥିଲା। ପରେ ଠାକୁରମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧିଘଟି ୭୫ରେ ପହଞ୍ଚିଲାରୁ ବର୍ତ୍ତମାନର ହରିରାଜପୁର ମେଳଣ ପଡ଼ିଆରେ ୧୯୫୦ ଠାରୁ ଦୋଳ ମେଳଣ ଅନୁଷ୍ଠିତ ହେଉଛି।

ଦୋଳଯାତ୍ରା ନିୟମ ଅନୁସାରେ ଦୋଳ ପଡ଼ିଆକୁ ଯିବାପୂର୍ବରୁ ଠାକୁରମାନେ ଗାଁରେ ଦ୍ୱାର ଦ୍ୱାର ବୁଲି ଚାଚେରୀ ଭୋଗ ଖାଇ ସାରିଥାନ୍ତି। ମେଳଣ ଦିନ ଦୋଳରେ ବସି ଛତି, ତ୍ରାଶ, ବାଜା, ବାଣ, ନିଶାଣ ମଶାଲ ବା ତିହୁଡ଼ିର ଆଲୋକର ରୋଷଣୀରେ ପଟୁଆର ଦ୍ୱାରା, ଠାକୁରମାନେ ମେଳଣ ପଡ଼ିଆକୁ ବିଜେ କରନ୍ତି। ହରିରାଜପୁର ପୁର ମେଳଣର ଠାକୁରମାନଙ୍କ ପାଇଁ ସେହି ନିୟମ ପାଳନ କରାଯାଏ। ଏହି ମେଳଣର ମୁଖ୍ୟ ଦେବ ହେଉଛି ହରିରାଜପୁର

ଓଡ଼ିଶାର ଏହା ସବୁଠାରୁ ଚିତ୍ତାକର୍ଷକ ମନମୁଗ୍ଧକାରୀ ଯାତ୍ରାଭାବେ ବେଶ ଆଦୃତ। କହିବା ବାହୁଲ୍ୟଯେ ମେଳଣ ପ୍ରଥମ ପର୍ବ ଓ ଶେଷପର୍ବ ଦିନ ଏଠାରେ ଏମିତି ଲୋକାରଣ୍ୟ ସୃଷ୍ଟି ହୁଏ ଯେ, ଶୋରିଷଟିଏ ପଡ଼ିଲେବି ଏହା କାହା ମୁଣ୍ଡରେ ଅଟକିଯାଏ। ଏଇଥିପାଇଁ ବାଣଯୋଗୁଁ ଅନେକ କ୍ଷତ ବିକ୍ଷତ ହୋଇଯାଆନ୍ତି। ପାଖାପାଖି ପ୍ରତି ଗାଁରେ ଘରେ ଘରେ କୁଣିଆ ମଇତ୍ର ଭରପୁର ହୋଇ ଯାଆନ୍ତି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଦର୍ଶକ ଭକ୍ତମାନେ ଏଠାରେ ରୁଣ୍ଡ ହୋଇ ଯାଆନ୍ତି। ଏମିତିକି ଗାଡ଼ିମଟର ନିୟନ୍ତ୍ରଣ କରିବା ମଧ୍ୟ ଅସମ୍ଭବ ହୋଇପଡ଼େ। ଏଠାରେ ସାମନ୍ତିକ ଭାବେ ଅନେକ ସରକାରୀ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ସଂଘମାନେ ସେବାପାଇଁ ସେମାନଙ୍କର ଆସର ପକାଇଥାଆନ୍ତି। ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୋଲିସ୍ ଛାଉଣୀର ବ୍ୟବସ୍ଥା ଥାଏ।

ମାନେ ପାଇଁ ଏଠାରେ ମନୋରଞ୍ଜନ : ଯଥା ଥିଏଟର, ନାଚ, ସୁଆଙ୍ଗ, ପାଲା, ସିନେମା, ସର୍କସ, ମୀନାବଜାର ବ୍ୟବସ୍ଥାମାନ ଥାଏ। ହାଟ ନାଟରେ କୁଲା, ଛାଞ୍ଚୁଣୀ, ଶିଳ, ଶିଳପୁଆଠୁ ଆରମ୍ଭକରି ଶଗଡ଼, ବଳଦ, ବାସନକୁସନ, କାଠ ସାମଗ୍ରୀ, ଲୁଗାଦୋକାନ, ମିଠାଦୋକାନ, ପରିବା ଦୋକାନ, ଡାଲିଚାଉଳ ଦୋକାନ ଠାରୁ ଶୁଖୁଆ ବଜାର ଯାଏ ବ୍ୟବସାୟ ବାଣିଜ ଚାଲିଥାଏ। ସେମିତି ହୋଟେଲ୍ ବି ଖୋଲିଥାଏ। ଲୋକମାନେ ବର୍ଷକପାଇଁ ସେମାନଙ୍କର ସବୁ ସାଜ ଏତିକିବେଳେ କାରବାର କରିଥାଆନ୍ତି। ତେବେ ବିବାହ ସାମଗ୍ରୀ ଓ କୃଷି ଆସବାବ ପାଇଁ ଏ ଯାତ୍ରାକୁ ମାନିବାକୁ ହେବ। ଏମିତି କେତେ କଥା। ଅନ୍ତତଃ ଥରେ ନ ଦେଖିଲେ ଅନୁଭବ ନେଇ ହେବ ନାହିଁ। ଦେଖନ୍ତୁତ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

# କେଉଟ, କୈବର୍ତ୍ତ, ଧୀବର ଜାତିଙ୍କୁ ଏସ୍.ସି ତାଲିକାରୁ ବାଦ୍ ଦିଆଯିବା ଦାବିରେ ଅନୁସୂଚିତ ଜାତି ଜନଜାତି ସଂଗଠନ ରାଜରାସ୍ତାକୁ ଓହ୍ଲାଇବେ



ଭୁବନେଶ୍ୱର (ପିଏନ୍): ଅସ୍ପୃଶ୍ୟତା, ଅନଗ୍ରସରତା ଓ ତାଡ଼ନାର ଶିକାର ହେଉଥିବା ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଦେଶର ମହାସ୍ରୋତରେ ସାମିଲ୍ କରିବା ନିମିତ୍ତ ସମ୍ବିଧାନରେ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। କିନ୍ତୁ ଦୁଃଖର ବିଷୟ, ଓଡ଼ିଶାରେ ଏମାନଙ୍କ ପାଇଁ ସଂଖ୍ୟାନୁପାତିକ ୪୦ ଭାଗ ସଂରକ୍ଷଣ ଥିଲେ ମଧ୍ୟ ତାହା ପ୍ରଶାସନର ଚକ୍ରାନ୍ତ ଦ୍ୱାରା ସିଂହଭାଗ ହଡ଼ପ ହୋଇଯାଇଅଛି। ପ୍ରକୃତରେ ଆମେ ୪୦ ଭାଗରୁ ମାତ୍ର ୪ ଭାଗ ପାଖାପାଖି ସଂରକ୍ଷଣ ପାଇଛୁ। ଏହାର ଉଦାହରଣ ହେଉଛି କେଉଟ, କୈବର୍ତ୍ତ, ଧୀବର ଆଦି ସବର୍ଣ୍ଣ ଜାତି ଅଟନ୍ତି, ସେମାନେ ଅସ୍ପୃଶ୍ୟ ନୁହଁନ୍ତି। ଏରୋରରେ ସଂରକ୍ଷଣକୁ ହଡ଼ପ କରୁଥିଲେ। ପରେ ଚକ୍ରାନ୍ତ କରି ସରକାରଙ୍କ ସହଯୋଗରେ ପଛଦ୍ୱାର ଦେଇ ଏସ୍.ସି. ତାଲିକାକୁ ୨୦୦୨ ଡ଼ିସେମ୍ବରରେ ପଶି ଆସିଛନ୍ତି। ଏମାନଙ୍କ ସଂଖ୍ୟା ୨ ଲକ୍ଷ ଭିତରେ ଥିଲେ ମଧ୍ୟ ଏମାନେ ୮୦ ଲକ୍ଷ ଦଳିତମାନଙ୍କର ୮୦ଭାଗ ସୁବିଧା ସୁଯୋଗ ଲୁଣ୍ଠନ କରିଚାଲିଛନ୍ତି। ଦୀର୍ଘଦିନ ଧରି ସେମାନଙ୍କୁ ବିରୋଧ କରାଯାଉଥିଲେ ମଧ୍ୟ ସରକାର ତାଙ୍କୁ ଏସ୍.ସି. ତାଲିକାରୁ ବାଦ୍ ଦେଉନାହାଁନ୍ତି। ବରଂ ତାଙ୍କୁ ସାଦୃଶ କରି ରାଢ଼ି, ନିଆରି, ଘଣି ଆଦି ସାତଟି ସବର୍ଣ୍ଣ ଜାତିକୁ ଏସ୍.ସି ତାଲିକାରେ ସ୍ଥାନ ଦେବାଲାଗି ସୁପାରିଶ କରିଛନ୍ତି। ଏହା ଏକ ବେପାରରେ ପରିଣତ ହୋଇଗଲାଣି। ଆହୁରି ତେଲୀ, ତନ୍ତୀ, ଭଣ୍ଡାରି, ବାରିକ, ଗୁଡ଼ିଆ, କମାର, କୁମ୍ଭାର, ରଙ୍ଗଣୀ ଆଦି ବହୁ ସବର୍ଣ୍ଣ ଜାତି ଅର୍ଥ ବ୍ୟୟ କରି ଓଡ଼ିଶାର ଏସ୍.ସି. ତାଲିକାରେ ପଶିବା ପାଇଁ ଚକ୍ରାନ୍ତ ଚାଲିଛି। ସେହିପରି ମାହାନ୍ତ ଓ ମେହେର ଆଦି ସବର୍ଣ୍ଣ ଜାତିମାନେ ଏସ୍.ସି, ଏସ୍.ଟି ତାଲିକାରେ ସ୍ଥାନିତ ହବା ନିମିତ୍ତ ଚେଷ୍ଟା ଚଳାଇଛନ୍ତି। କିନ୍ତୁ ମେହେନ୍ତର, ଦଳିତ ବୈଷ୍ଣବ ଜାତିମାନେ ଏସ୍.ସି ଓ ସଅରମାନଙ୍କୁ ଏସ୍.ଟି ତାଲିକାରେ ସ୍ଥାନିତ କରାଯାଉ ନାହିଁ। କେଉଟ, କୈବର୍ତ୍ତ, ଧୀବର ଜାତିମାନଙ୍କ ଦ୍ୱାରା ଦଳିତ ଏବଂ ସାଧାରଣ ବର୍ଗଙ୍କ ଉପରେ ପ୍ରାୟୋଜିତ ହିଂସା ସୃଷ୍ଟି କରାଯାଉଛି। କାରଣ ସେମାନଙ୍କୁ ଏସ୍.ସି, ଏସ୍.ଟି ନିର୍ଯ୍ୟାତନା ନିବାରଣ ଆଇନ ଲାଗୁ କରାଯାଇ ପାରୁନାହିଁ। ଏଣୁ ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ସହ ସର୍ବଭାରତୀୟ ଅନୁସୂଚିତ ଜାତି ଜନଜାତି ସଂଘମାନଙ୍କର ପରିଷଦ, ନାଗରିକ ଏକତା ପରିଷଦ, ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ, ସାମାଜିକ ନ୍ୟାୟ ପରିଷଦ, ନୀଳମାଧବ ଶବର ସଂଘ, ଉତ୍କଳ ରଜକ ମହାସଂଘ, ରାଷ୍ଟ୍ରୀୟ ଦଳିତ ମହାସଭା, ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ, ଦାଣ୍ଡିମାଳ ସେବକ ସଂଘ, କାଳନ୍ଦୀ ସମାଜ, ପାସି ସମାଜ, ଭୋଇ ସମାମ, ବାଲ୍ମୀକ ସମାଜ, ପଶ୍ଚିମ ଓଡ଼ିଶାର ଲକ୍ଷେଘର ବଣ୍ଡା ସମାଜ, ଦଳିତ ଜାତିସଂଘ, ଭୀମ ଆର୍ମି ମାନଙ୍କ ତରଫରୁ ଏହି କେଉଟ, କୈବର୍ତ୍ତ, ଧୀବର ଜାତିଙ୍କୁ ତୁରନ୍ତ ଏସ୍.ସି ତାଲିକାରୁ ହଟାଯିବା ଏବଂ ସୁପାରିଶ ହୋଇଥିବା ରାଢ଼ି, ନିଆରି, ଘଣି ଇତ୍ୟାଦି ସବର୍ଣ୍ଣ ଜାତିର ପ୍ରସ୍ତାବକୁ ପ୍ରତ୍ୟାହାର କରିବା, ମେହେନ୍ତର, ଝୁରିଆ ଓ ଦଳିତ ବୈଷ୍ଣବମାନଙ୍କୁ ଏସ.ସି ତାଲିକାଭୁକ୍ତ କରିବା ଓ ସଅର ଜାତିକୁ ଏସ୍.ଟି ତାଲିକାଭୁକ୍ତ କରିବା ନିମିତ୍ତ ଦାବି କରାଯାଇଅଛି। ଏହି କେଉଟ, କୈବର୍ତ୍ତ, ଧୀବର ଜାତିମାନଙ୍କୁ ଏସ୍.ସି. ସଂରକ୍ଷିତ ସରକାରୀ ଓ ଦଳୀୟ ପଦପଦବୀ ଦିଆନଯାଉ ଓ ସବର୍ଣ୍ଣମାନଙ୍କୁ ଏସ୍.ସି ତାଲିକାରେ ସ୍ଥାନିତ ପାଇଁ ସହଯୋଗ କରିଥିବା ସରକାରୀ କର୍ମଚାରୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ୨୦୧୫ ମସିହାରୁ କାର୍ଯ୍ୟ କରୁନଥିବା ଏସ୍.ସି/ଏସ୍.ଟି ପରାମର୍ଶଦାତା କମିଟି ରାଜ୍ୟ ସରକାର ତୁରନ୍ତ ଗଠନ କରି ଏହି ସବର୍ଣ୍ଣ ଜାତିମାନଙ୍କୁ ଏସ୍.ସି ତାଲିକାରୁ ବାହାର କରନ୍ତୁ। ସରକାର ଯଦି ଏହି କେଉଟ, କୈବର୍ତ୍ତ, ଧୀବରଜାତିମାନଙ୍କୁ ତୁରନ୍ତ ଅନୁସୂଚିତ ଜାତି ତାଲିକାରୁ ବାଦ୍ ନ ଦିଅନ୍ତି, ତାହେଲେ ଉପରଲିଖିତ ଅନୁଷ୍ଠାନଗୁଡ଼ିକର ୮୦ ଲକ୍ଷ ଦଳିତ ଓ ୧ ଲକ୍ଷରୁ ଅଧିକ ବନବାସୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ଓ ସରକାର ଏଥିପାଇଁ ଦାୟୀ ରହିବେ। ଏହି ନ୍ୟାୟପୂର୍ଣ୍ଣ ଦାବିକୁ ସମସ୍ତ ଗଣମାଧ୍ୟମ ଓ ଜନସାଧାରଣ ଆମକୁ ସହଯୋଗ କରିବା ନିମିତ୍ତ ନିବେଦନ କରୁଛୁ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଭଜମନ ବେହେରା, ଇଂ ଅଲେଖ ଚନ୍ଦ୍ର ମଲ୍ଲିକ, ପ୍ରଶାସନିକ ଅଧିକାରୀ ବନ୍ଧୁ ସେଠୀ, ଲକ୍ଷ୍ମୀଧର ବେହେରା, ରବି ସେଠୀ, ସୁନାକର ବେହେରା, ଲକ୍ଷ୍ମଣ ମଲ୍ଲିକ, ପ୍ରଦୀପ ସେଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜିଲ୍ଲା ଶିଶୁ ସୁରକ୍ଷା ଅଧିକାର ରଥର କେନ୍ଦ୍ରାପଡା ଜିଲ୍ଲା ପରିକ୍ରମା



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ଶିଶୁ ସୁରକ୍ଷା ଆୟୁକ୍ତଙ୍କ ଯୋଜନା କ୍ରମେ ଗତ ନଭେମ୍ବର ମାସ ୧୦ ତାରିଖରୁ ୨ଟି ଶିଶୁ ଅଧିକାର ସଂକ୍ରାନ୍ତୀୟ ସଚେତନତା ରଥ ସାରା ରାଜ୍ୟ ପରିକ୍ରମା କରୁଛି। ଏହି ରଥ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୪୦ ଦିନ ପରିକ୍ରମା କରିବ । ପ୍ରତି ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳକୁ ଯାଇ ଶିଶୁ ଅଧିକାର ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର ଓ ପ୍ରସାର କରୁଛି । ଏହି କ୍ରମରେ ଆଜି ଏହି ରଥ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳକୁ ପରିକ୍ରମା କରିବା ପାଇଁ ଆଜି ଏହି ଜିଲ୍ଲାରେ ପହଞ୍ଚିଛି । ଗତ କାଲି ଯାଜପୁର ଜିଲ୍ଲା ପରିକ୍ରମା କରିବା ପରେ ଏହି ରଥ ଆଜି ସକାଳ ୯ଟାରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା । ଶଙ୍ଖ, ହୁଳହୁଳି ଓ ଫୁଲ ଦ୍ୱାରା ଉପସ୍ଥିତ ଥିବା ଅଙ୍ଗନୱାଡ଼ି କର୍ମୀ ଓ ସୁଧାର ଗୃହର କର୍ମକର୍ତ୍ତାମାନେ ଏହି ରଥକୁ ସ୍ୱାଗତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀବୃନ୍ଦ ଝୋଟି ପକାଇ ଏହି ରଥକୁ ମ୍ମ ସ୍ୱାଗତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଦୁର୍ଗାପ୍ରସାଦ ମହାରଣା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପତାକା ଦେଖାଇ ୯ଟା ୩୦ରେ ଏହି ରଥକୁ ବାହାରକୁ ପରିକ୍ରମା କରିବା ପାଇଁ ଛାଡ଼ିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ, କାର୍ଯ୍ୟକ୍ରମ ଅଧିକାରିଣୀ ସଞ୍ଜୁକ୍ତା ମିଶ୍ର, ସୁଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ, ଜିଲା କ୍ରୀଡା ଅଧିକାରୀ, ଜିଲା ସ୍ୱଚ୍ଛ ସଞ୍ଚୟ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାନ ପରିଦର୍ଶକ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଭାରପ୍ରାପ୍ତ ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପରିଚାଳନା କରିବା ସହ ରଥ ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଉଦଘାଟନ ପରେ ଏହି ରଥ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି କେନ୍ଦ୍ରାପଡା ଟାଉନ ହାଇସ୍କୁଲରେ ପହଞ୍ଚିଥିଲା । ସେଠାରେ ବଳଦେବଜୀୟୁ ହାଇସ୍କୁଲ, କେନ୍ଦ୍ରାପଡା ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ହାଇସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ରଥକୁ ସ୍ୱାଗତ କରିଥିଲେ । ଏହାପରେ କେନ୍ଦ୍ରାପଡା ଟାଉନ ହାଇସ୍କୁଲ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସେଠାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ରଥ ପରିକ୍ରମାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସେଠାରେ ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନ ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସ ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ । ଏହାପରେ ଏହି ରଥ ଏକ ଶୋଭାଯାତ୍ରାରେ ସହର ମଧ୍ୟ ଦେଇ ବଳଦେବଜୀୟୁ ମନ୍ଦିର ପାଖ ଇଚ୍ଛାପୁର, ଅଙ୍ଗୁଳାଇ ବଜାର ଓ ମାର୍ଶାଘାଇ ବଜାର ଦେଇ ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲା । ସେଠାରେ ରଥକୁ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଦୀପ ଓ ଫୁଲ ଦେଇ ସ୍ୱାଗତ କରିଥିଲେ । କଲେଜ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସେଥିରେ ୭୦୦ରୁ ଅଧିକ କଲେଜ ଓ ହାଇସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସେଠାରେ ଶିଶୁ ସୁରକ୍ଷା ଅଧିକାରୀ ଶିଶୁମାନଙ୍କ ଅଧିକାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଥିଲେ । ସେଠାରୁ ଏହି ରଥ ଏକ ଶୋଭାଯାତ୍ରାରେ କେନାଲ ବନ୍ଧ ଦେଇ ମହାକାଳପଡା ବ୍ଲକର ବଉଳକଣୀସ୍ଥିତ ପ୍ରେମଚାନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା । ସେଠାରେ ଉକ୍ତ ବିଦ୍ୟାଳୟ ଓ ନିକଟବର୍ତ୍ତୀ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ, ଅଙ୍ଗନୱାଡି କର୍ମୀ, ସହାୟିକା, ସୁପରଭାଇଜର, ସ୍ଥାନୀୟ ଜନ ପ୍ରତିନିଧି ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟମାନେ ରଥକୁ ସ୍ୱାଗତ କରିଥିଲେ । ଏହାପରେ ରଥଟି ମାର୍ଶାଘାଇ ଓ ମହାକାଳପଡାର ବିଭିନ୍ନ ଗ୍ରାମପଞ୍ଚାୟତ, ବଜାର ଆଦି ପରିକ୍ରମା କରି ଗରଦପୁର ବ୍ଲକ ଅଞ୍ଚଳରେ ପହଞ୍ଚିଥିଲା । ସେଠାରେ କୋରୁଆ ସ୍ଥିତ ପଲିଶ୍ରୀ ମହିଳା ସମିତି ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୧୩

# ଶ୍ରୀକ୍ଷେତ୍ରରେ ଦୋଳପର୍ବ ଓ ଏହାର ବୈଶିଷ୍ଟ୍ୟ



ଉମାଶଙ୍କର ପ୍ରସାଦ

ଓଡିଶାର ଧର୍ମ ଜଗନ୍ନାଥ ଧର୍ମ ଓ ସଂସ୍କୃତି ଜଗନ୍ନାଥ ସଂସ୍କୃତି। ତିନି ଦେବତାଙ୍କ ପ୍ରତୀକଭାବେ ଯେଉଁ ସଂସ୍କୃତି ମୁଣ୍ଡ ଟେକିଲା, ତାହା ଜଗନ୍ନାଥ ସଂସ୍କୃତିଭାବେ ସର୍ବଜନ ବିଦିତ। ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସାମ୍ୟ,ମୈତ୍ରୀ ହିଁ ଜଗନ୍ନାଥ ସଂସ୍କୃତି। ଲୋକନାଥ ବିଦ୍ୟାଧର ରଚିତ ଗ୍ରନ୍ଥ ନୀଳାଦ୍ରି ମହୋଦୟରେ 'ଦୋଳ ଉତ୍ସବ'ର ବର୍ଣ୍ଣନା ଭକ୍ତ ଭଗବାନଙ୍କର ଅପୂର୍ବ ବିଳନ ସହିତ ଛୁଆଁ ଅଛୁଆଁ, ଉଚ୍ଚ ନୀଚ, ଭେଦଭାବ ଦୂର କରି ତାଙ୍କୁ ସମସ୍ତେ ଦର୍ଶନ କରନ୍ତି। ତେଣୁ କଥାରେ ଅଛି:-

ଦୋଳେଶ୍ଚ ଦୋଳ ଗୋବିନ୍ଦ
ଚାପେଶ୍ଚ ମଧୁସୂଦନ॥
ରଥେ ତୁ ବାମନ ଦୃଷ୍ଟ୍ୱା
ପୁନର୍ଜନ୍ମ ନ ବିଦ୍ୟତେ॥

ଫାଲଗୁନ ମାସ ଅମାବାସ୍ୟାଠାରୁ ଚୈତ୍ରମାସ ବା ମଧୁମାସର ପ୍ରାରମ୍ଭ ହୋଇଥାଏ। ଫାଲଗୁନ ମାସ ପୂର୍ଣ୍ଣିମାର ଦୋଳ ଉତ୍ସବ ପ୍ରକୃତି ଓ ପୁରୁଷର ମିଳନାତ୍ମକ ବାସନ୍ତୀକ ରାସୋତ୍ସବର ପ୍ରତୀକ। ଏହି ଦୋଳଯାତ୍ରା ଓଡିଶାର ପୁରପଲ୍ଲୀରେ ରାଜଦୋଳ, ଫଂଚୁ ଦୋଳ,ଛ'ଦୋଳ, ସାତ ଦୋଳ, ଦଶ ଦୋଳ ଇତ୍ୟାଦି ଫାଲଗୁନ ପୂର୍ଣ୍ଣମୀଠାରୁ ପାଳନ କରାଯାଇଥାଏ। ଫଗୁ ଦଶମୀଠାରୁ ଦୋଳପର୍ବ ଆରମ୍ଭ ହୁଏ। ଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଯେତେଦିନ ଦୋଳପର୍ବ ପାଳନ କରାଯାଇଥାଏ, ତାହା ଭିନ୍ନ ଭିନ୍ନ ନାମରେ ନାମିତ ହୋଇଥାଏ। ଏହି ଦୋଳଯାତ୍ରା ସଂସ୍କୃତରେ "ଚର୍ଚ୍ଚରୀ" ବା "ଚାଚ୍ଚେରୀ" ନାମରେ ଅଭିହିତ। ତେଣୁ ଓଡିଶାରେ ସର୍ବତ୍ର ରାଧାକୃଷ୍ଣ, ଶିବପାର୍ବତୀ, ଲକ୍ଷ୍ମୀନାରାୟଣ, ଯୁଗଳମୂର୍ତୀର ବାସନ୍ତୀକ ଦୋଳ ଉତ୍ସବ ପାଳନ ହୋଇଥାଏ। ଉତର ପ୍ରଦେଶର ମଥୁରା, ବୃନ୍ଦାବନ, ଦ୍ୱାରକାରେ ରାଧକୃଷ୍ଣଙ୍କ ଲୀଳାର ଅନୁପମ ରାସସ୍ଥଳୀରେ ଦୋଳ, ହୋଲି ପାଳିତ ହୁଏ। ଶ୍ରୀ ରାଧାଙ୍କ ହଜି ଯାଇଥିବା କର୍ଣ୍ଣାଳାଙ୍କର ଖୋଜିବା ମଧରେ ମିଳନ ଉତ୍ସବର ଆରମ୍ଭ। ଫାଲଗୁନ ମାସ ପୂର୍ଣ୍ଣୀମା ତିଥିରେ ବ୍ରଜ ଗୋପାଗଣମାନେ ଗୋମାତାଙ୍କ ଜନ୍ମ ଉତ୍ସବ ଘରେ ଘରେ ମହା ଆନନ୍ଦ ସହକାରେ ପାଳନ କରି ଗୋମାତାଙ୍କୁ ବନ୍ଦାପନା କରନ୍ତି।

ଦୋଳପର୍ବ ଓଡିଶାର ଜନମାନସର ପର୍ବ। ଦୋଳପର୍ବରେ ଗୋପାଙ୍ଗନାମାନେ ତାଙ୍କର ପ୍ରିୟତମ ଶ୍ରୀକୃଷ୍ଣଙ୍କ ସହିତ ଚାଚ୍ଚେରୀ ଖେଳି ବାହରନ୍ତି। ଗାଁ ଗହଳି ଦାଣ୍ଡମାନଙ୍କରେ ମେଳନ ପର୍ବ ପାଳନ ହୋଇଥାଏ। ଠାକୁରମାନଙ୍କୁ ବ୍ରାହ୍ମ ମୁହୂର୍ତରେ ଦୋଳ ବିମାନରେ ବସାଇ ଖୋଳ, ତାଳ, ଝାଞ୍ଜ, ମସାଲ, ଛତ୍ରିତ୍ରାସ, ସଂକୀର୍ତନ ସହ ମେଳନ ପଡିଆକୁ ଅଣାଯାଏ।

ଠାକୁରମାନଙ୍କୁ ସୁଗନ୍ଧ ପୁଷ୍ପ କେତକୀ ଓ ନୂଆ ଆମ୍ବ କଷିମାନ ଲାଗି କରାଯାଇଥାଏ। ଭକ୍ତମାନଙ୍କ ନିମନ୍ତ୍ରଣ କ୍ରମେ ଠାକୁରଙ୍କୁ ପନ୍ତିଭୋଗ ଦିଆଯାଇଥାଏ। ଏହି ଦୋଳପର୍ବର ପ୍ରାଚୀନତା ସମ୍ପର୍କରେ ପଦ୍ମପୁରାଣ, ସ୍କନ୍ଦପୁରାଣ, ହରିଭକ୍ତ ବିଳାସ, ବ୍ରହ୍ମାଣ୍ଡ ପୁରାଣ, ଗୋପାଳ ଓଗାଳ, ଋତୁ ସଂହାର, ଅନଙ୍ଗୋତ୍ସବ ଇତ୍ୟାଦିରେ ବିଶଦଭାବରେ ବର୍ଣ୍ଣିତ ହୋଇଛି। ଓଡିଶାର ରାଷ୍ଟ୍ର ଦେବତା ଶ୍ରୀ ଜଗନ୍ନାଥ, ପ୍ରତ୍ୟେକ ପର୍ବପର୍ବାଣୀ ଶ୍ରୀ କ୍ଷେତ୍ରରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ବ୍ୟାପ୍ତ। ଶ୍ରୀ ଜଗନ୍ନାଥଙ୍କର ଫଳଗୁ ଉତ୍ସବ ଦ୍ୱାରକାଲୀଳା ମତେ ଅନୁଷ୍ଠିତ ହୁଏ। ଦଶମୀ ଦିନ ମଧାହ୍ନ ଧୂପ ପରେ ସେବକମାନଙ୍କଦ୍ୱାରା ବିଜେ ହୋଇ ବଟମୂଳରେ ଥିବା ବିମାନରେ ଉପବେଶନ ହୋଇ ଘଂଟ, କହାଳୀ ସହ ସିଂହଦ୍ୱାର ଦେଇ ଶ୍ରୀ ଜଗନ୍ନାଥଙ୍କ ବସନ୍ତ ଉତ୍ସବ ଜଗନ୍ନାଥ ବଲ୍ଲଭଙ୍କୁ ବିଜେ କରନ୍ତି। ତାଙ୍କ ସହିତ ପାଂଚଟି ବିମାନରେ ପଂଚୁପାଣ୍ଡବ, ଜମ୍ବେଶ୍ୱର, କପାଳମୋଚନ, ଲୋକନାଥ, ମାର୍କଣ୍ଡେୟ, ନୀଳକଣ୍ଠ ଯାଇଥାନ୍ତି। ସେଠାରେ ଆଳତୀ ପରେ ଦୋଳବେଦୀ ଚାରିପଟେ ପ୍ରଦକ୍ଷଣ କରି ଦକ୍ଷିଣାମୂଖୀ ହୋଇ ଦୋଳୀରେ ବିଜେ କରନ୍ତି। "ନିଳାଦ୍ରୀ ମହୋଦୟ" ଅନୁସାରେ:-

"ଏବେ ଶୁଣ ଜନମାନେ ଦୋଳକଥା, ଯାହା ଶୁଣି ନାଶଯିବ ଭବବ୍ୟଥା"।

ସର୍ବଶେଷରେ ଯେଉଁ ଭକ୍ତ ଏହି ଦୋଳବେଦୀରେ ପ୍ରଭୁଙ୍କୁ ଦର୍ଶନ କରିଥାଏ ସେ ଅଶେଷ ପୂଣ୍ୟ ଅର୍ଜ୍ଜନ କରିବା ସହ ଆଉ ସଂସାର ବନ୍ଧନରେ ପଡି ନ ଥାଏ। ଦୋଳବେଦୀରେ ନୂତନ "ପଞ୍ଜିକା" ପାଠ କରାଯାଇ ରାଷ୍ଟ୍ର ଦେବତାଙ୍କ ପାଖେ ରାଷ୍ଟ୍ର ଫଳାଫଳ ଶୁଣାଯାଏ। ଏହା ହେଉଛି ଜଗନ୍ନାଥ ଧାମରେ ଦୋଳପର୍ବର ବୈଶିଷ୍ଟ୍ୟ।

*ସ୍ତମ୍ଭକାର,ମାର୍ଗଦର୍ଶୀ*
*ଖୋର୍ଦ୍ଧା, ମୋ ନଂ-୬୩୭୦୬୭୫୫୬୨*

# ଦୋଳ ଉତ୍ସବ



ଡକ୍ଟର ତପନ କୁମାର ପାଳ

ଫଗୁଣ ମାସର ପୂର୍ଣ୍ଣିମା ଦୋଳ ପୂର୍ଣ୍ଣିମା ଭାବେ ଓଡ଼ିଶାରେ ଲୋକପ୍ରିୟ। ଏହି ପର୍ବରେ ଦୋଳଗୋବିନ୍ଦ ନାମରେ ପୂଜା ପାଆନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ପୁରାଣରେ ଏହା ବସନ୍ତୋତ୍ସବ ନାମରେ ପ୍ରସିଦ୍ଧ। ପ୍ରଭୁ ମଦନଙ୍କ ସମ୍ମାନରେ ଉତ୍ସବ ପାଳନ କରାଯାଉଥିବାରୁ କେତେକ ଶାସ୍ତ୍ରରେ ଏହାକୁ ମଦନୋତ୍ସବ ବୋଲି କୁହାଯାଇଛି। ପରେ ଏହା ଦୋଳୋତ୍ସବ ନାମରେ ଲୋକପ୍ରିୟ ହୋଇଛି। ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପାଇଁ ଏ ପର୍ବ। ଅନେକ ପୁରାଣରେ ଦୋଳୋତ୍ସବ ବିଷୟରେ ବର୍ଣ୍ଣନା କରାଯାଇଛି।

ପଦ୍ମ ପୁରାଣ ଅନୁଯାୟୀ ଶ୍ରୀକୃଷ୍ଣଙ୍କ ଦୋଳି ଖେଳ ଦେଖିଥିବା ବ୍ୟକ୍ତିର ସମସ୍ତ ପାପ ନାଶ ହୁଏ। କୁହାଯାଏ ପୁରାଣ ଯୁଗରେ ହିରଣ୍ୟକଶ୍ୟପ ନାମକ ରାକ୍ଷସ ପୃଥିବୀ ଉପରେ ରାଜୁତି କରୁଥିଲା। ସେ ନିଜକୁ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର ରାଜା ବୋଲି ଦାବି କରୁଥିଲା ଏବଂ ନିଜକୁ ପୂଜା କରିବାକୁ ତ୍ରିଭୁବନବାସୀଙ୍କୁ ବାଧ୍ୟ କରୁଥିଲା। କିନ୍ତୁ ତା'ର ପୁତ୍ର ପ୍ରହଲ୍ଲାଦ ଭଗବାନ ନାରାୟଣଙ୍କର ପରମ ଭକ୍ତ ଥିଲା। ସେଥିପାଇଁ ସେ ହିରଣ୍ୟକୁ ପୂଜା କରିବାକୁ ରାଜି ହେଲାନାହିଁ। ପ୍ରହଲ୍ଲାଦକୁ ହତ୍ୟା କରିବା ପାଇଁ ହିରଣ୍ୟ ଅନେକ ଚେଷ୍ଟା କଲା, କିନ୍ତୁ ସଫଳ ହେଲାନାହିଁ। ଶେଷରେ ଭଉଣୀ ହୋଲିକାକୁ ସେ ଏହି ଦାୟିତ୍ୱ ପ୍ରଦାନ କଲା। ହୋଲିକା ଅଗ୍ନି ଭିତରେ ପ୍ରହଲ୍ଲାଦକୁ କୋଳରେ ଧରି ବସିଲା। ପ୍ରହଲ୍ଲାଦ ବିଷ୍ଣୁ ନାମ ଉଚ୍ଚାରଣ କରି ରକ୍ଷା ପାଇଲା। ହୋଲିକାଙ୍କ ନାମରୁ ହୋଲି ଶବ୍ଦ ଆସିଥିବା କୁହାଯାଏ। ଅଧର୍ମ ଉପରେ ଧର୍ମର ବିଜୟ ପ୍ରତୀକ ସ୍ୱରୂପ ଏହି ପର୍ବ ପାଳିତ ହୁଏ। ଏ ଅବସରରେ ଗ୍ରାମାଞ୍ଚଳରେ ସଂକୀର୍ତ୍ତନ ମଣ୍ଡଳୀମାନେ ଦୋଳ ବିମାନରେ ରାଧାକୃଷ୍ଣଙ୍କୁ ବୁଲାନ୍ତି। ଘରେ ଘରେ ବିମାନ ଅଟକାଇ ଦୋଳ ଠାକୁରଙ୍କୁ ଭୋଗ ଲାଗି କରାଯାଏ। ଚାରି ଦିନ ଧରି ଏହି ପର୍ବ ପାଳିତ ହୁଏ, ଯାହା ଚାଚେରୀ ରୂପେ ପରିଚିତ। ଶେଷ ଦିନ ଅର୍ଥାତ୍ ପୂର୍ଣ୍ଣିମା ଦିନ ଆନନ୍ଦଉଲ୍ଲାସରେ ପାଳନ କରାଯାଏ ଦୋଳ ଉତ୍ସବ।

ହୋଲି ସାଧାରଣତଃ ଏକ ଜାତୀୟ ଗଣ ପାର୍ବଣ। ପ୍ରାୟତଃ ରଙ୍ଗ ଖେଳର ହୋଲି ଛୁଟି ଜାତୀୟ ସରକାରୀ ଓ ବେସରକାରୀ ଛୁଟି ଭାବେ ପରିଚିତ। ବର୍ତ୍ତମାନ କେବଳ ଗାଁରେ ନୁହେଁ ସହରରେ ଥିବା ରାଧାକୃଷ୍ଣଙ୍କ ମନ୍ଦିର ବା ମଠ ମାନଙ୍କର ରାଧାକୃଷ୍ଣଙ୍କ ମୂର୍ତ୍ତି ବିମାନରେ ବୁଲୁଛନ୍ତି। କଟକ ସହରର ହଜାର ବର୍ଷର ପରିଚୟ ଭିତରେ ଦୋଳ ବିମାନ ଯାତ୍ରା କମ୍ ସ୍ମୃତିମୟ ନୁହେଁ। ପାଞ୍ଚଦିନର ଦୋଳବିମାନ ଯାତ୍ରା ଶେଷରେ ପଞ୍ଚଦୋଳରେ ହିଁ ଶେଷ ହୋଇଥାଏ। ସେ ସମୟର ଅବିର ବର୍ତ୍ତମାନ ବି ରହିଛି ହେଲେ କେହି କେହି ଆଧୁନିକ ରଙ୍ଗ ଟିକେ ମିଶାଇ ଦେଇଥାନ୍ତି। ହୋଲି ପର୍ବ ଭାଇଚାରାର ପର୍ବ, ଏହା ଆନନ୍ଦ ଉଲ୍ଲାସର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଆସନ୍ତୁ ପବିତ୍ର ହୋଲି ଅବସରରେ ନିଜ ସତ୍ କର୍ମମୟ ଜୀବନକୁ ସେବାର ପୂଣ୍ୟତାରେ କର୍ମମୟ କରି ଗଢ଼ି ତୋଳିବା ଏହା ହିଁ ପବିତ୍ର ହୋଲି ଉତ୍ସବର ଅନ୍ତର୍ନିହିତ ତାତ୍ପର୍ଯ୍ୟ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ*

# ପ୍ରେମ ଓ ଫଲ୍‌ଗୁ ଯାତ୍ରା : ଦୋଳଯାତ୍ରା



ଡ଼ଃ.ଅରୁନ୍ଧତୀ ଦେବୀ

ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି। ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା।

ଏହି ଯାତ୍ରାଟି ପାଞ୍ଚଦିନ ପାଇଁ ପାଳିତ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ହୋଇଥାଏ। ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜିତ ହୋଇଥାଏ। ଫାଲ୍‌ଗୁନ ଶୁକ୍ଳ ତିଥି ଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଏହି ପର୍ବର ମୁଖ୍ୟ ଆରାଧ୍ୟ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅଭିର ଅର୍ପଣ କରାଯାଇଥାଏ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମୁଖରିତ ହୋଇଉଠିଥାଏ। ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦିତ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚି ଯାଆନ୍ତି। ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦିତ କରିଥାନ୍ତି ଠିକ୍ ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେବା ପାଇଁ ଦୋଳଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତ ମାନଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥାନ୍ତି। ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ। ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ଯାହାର ନାମ ଥାଏ ଦୋଳମଣ୍ଡପ। ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି। ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ। ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି। ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖଛନ୍ତି 'ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଈମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ। ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ।' ଦୋଳ ପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ। ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଲଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତାକର୍ଷକ। ପାଟପଟୁଆର, ରୋଷଣୀ, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି। ଓଡ଼ିଶାର ବିଭିନ୍ନ ମେଲଣ ଭିତରେ ଧର୍ମଶାଳର ମୁନସୀମେଲଣ, ପଞ୍ଚୁପାଣ୍ଡବ ସନ୍ନିକଟ ଓଳକଣା ମେଲଣ ଓ ଗ୍ରାମାଞ୍ଚଳରେ ବେଶ ଲୋକପ୍ରିୟ ହୋଇଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଅଙ୍କୁରା ମେଲଣ ସହ ଗାଁ ମାଟିର ଗୃହ ଦେବତା ପ୍ରେମମୟ ରାଧାକାନ୍ତ ମଦନ ମୋହନଙ୍କୁ ନେଇ ବର୍ଷ ବର୍ଷ ଧରି ସ୍ୱର୍ଗତଃ ଡାକ୍ତର ବୈକୁଣ୍ଠନାଥ ଭୂୟାଁଙ୍କ ଆୟୋଜନରେ ପ୍ରତିବର୍ଷ ହୁଏ ଭୂୟାଁ ମେଲଣ। ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗ ଖେଳ। ବର୍ଷ ବର୍ଷ ଧରି ଓଡ଼ିଶାରେ ଦୋଳଯାତ୍ରା ଓ ଫଗୁର ବିଶେଷତାକୁ ନେଇ ଜଣେ ବିଶିଷ୍ଟ କୃଷ୍ଣପ୍ରେମୀଙ୍କୁ ନେଇ ଗବେଷକ ଡକ୍ଟର ଆର.ଏଲ.ମିତ୍ର ତାଙ୍କ –"The Antiquities of Odisha" ùfLôQ«ò "The red powder (Abir) is largely thrown on them, and every one in the assembled crowd indulges in throwing the powder on his neighbours. The other rituals of the ceremony are observed before Jagannatha Himself in the sanctuaroy' ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପୀ ନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା। ଦୋଳ ଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି। ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା। ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ। ଖୁବ୍ ହେଲେ ଲଣ୍ଠନ ନ ହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିଠା। ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀ ମାନଙ୍କୁ ଶୁଭାଶ୍ରୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା।

*ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ପିଲାଙ୍କ ପାଇଁ ହୋଲି



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଫଗୁଣର ମହକକୁ ସଜେଇ ସାଜି ଫଗୁ ଫଗୁଣର ହୋଲି। ତେବେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଅଭିର ଆନନ୍ଦ ଠାରୁ ରଙ୍ଗ ପିଚକାରୀ ଖେଳର ହୋଲି ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସତର୍କତା ରହିଛି। ପ୍ରାୟତଃ ଗ୍ରୀଷ୍ମ ଛୁଟି ସମୟ ହୋଇଥିବାରୁ ପିଲାମାନେ ଏହି ଫଗୁଣର ଆନନ୍ଦରେ ହଜାଇବାକୁ ଚାହାଁନ୍ତି। ତେବେ ପିଲାମାନଙ୍କ ପାଇଁ ସତର୍କତାର ଅଭାବ ରହିଲେ ଏହା ସେମାନଙ୍କ ପାଇଁ ହୁଏତ କଷ୍ଟର କାରଣ ବି ହୋଇପାରେ। ପ୍ରାୟତଃ ଦେଖାଯାଇଥାଏ ପିଲାମାନେ ହୋଲିରେ ବେଶ୍ ଖୁସି ମଜାସ୍ ଭିତରେ ସମୟକୁ କଟାଇବାକୁ ଚାହିଁଥାନ୍ତି। ଏହା ଭିତରେ ସେମାନେ ରଙ୍ଗର ତାତ୍ପର୍ଯ୍ୟତା ଓ ବୈଜ୍ଞାନିକ କାରଣ ଏହା ସହ ତତ୍‌ଜନିତ କୁପ୍ରଭାବ ସମ୍ପର୍କରେ ଚିନ୍ତା କରିବାର ସୁଯୋଗ ସମ୍ଭବତଃ ପାଇନଥାନ୍ତି। ପିଲାମାନେ ସ୍ୱାଭାବିକ ଭାବେ ଖେଳକୁଦ କରି ସମୟକୁ ବେଶ୍ ହସଖୁସି ସହ କଟାଇବାକୁ ଚାହୁଁଥିଲେ ବି ସାମାନ୍ୟ ସତର୍କତାର ଅଭାବ ରହିଲେ ଏହା ପିଲାମାନଙ୍କ ପାଇଁ କଷ୍ଟ ଓ ଯନ୍ତ୍ରଣାର ଅବସର ସୃଷ୍ଟି କରିଥାଏ।

ବର୍ତ୍ତମାନ ବଜାରରେ ଯେଉଁ ପ୍ରକାର ରଙ୍ଗ ବିକ୍ରୀ ହେଉଛି ତାହା କୋମଳମତି ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ କି ନୁହେଁ ଏହା ହିଁ ସବୁଠାରୁ ବଡ଼ ପ୍ରଶ୍ନ। କାରଣ ରଙ୍ଗ ବେପାରୀମାନେ ବୁଝି ନଥାନ୍ତି ଯେ ଏହା ପିଲାଙ୍କ ପାଇଁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଠିକ୍ ବା ଭୁଲ ? ଅଧିକାଂଶ କ୍ଷେତ୍ରରେ ଦେଖାଯାଇଥାଏ ପିଲାମାନେ ସର୍ବପ୍ରଥମେ ଚର୍ମ ସମସ୍ୟା ଠାରୁ ଆଖି ସମସ୍ୟା ଏପରିକି ଭେଷଜ ସମସ୍ୟା ଠାରୁ ଶିଶୁରୋଗ ବିଭାଗର ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହୋଇଥାନ୍ତି। ପ୍ରଥମତଃ ପିଲାମାନେ ଆନନ୍ଦ ସହକାରେ ହୋଲିରେ ନିଜକୁ ହସଖୁସିର ସହିତ ପରିବାର କେହିବି ହୁଅନ୍ତୁ ବା ସାଙ୍ଗସାଥୀ ଖୁସିରେ କଟାଇବାକୁ ଚାହାଁନ୍ତି କିନ୍ତୁ ବର୍ତ୍ତମାନ କେତେକ କ୍ଷେତ୍ରରେ ରଙ୍ଗ ବ୍ୟବସାୟୀମାନେ କୁପ୍ରଭାବ ରହୁଥିବା ରଙ୍ଗ ସମ୍ମିଶ୍ରଣକୁ ମିଶାଉଥିବାରୁ ଏହା ପରବର୍ତ୍ତୀ ସମୟରେ ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥିଲେବି ସେମାନେ କିନ୍ତୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଚିନ୍ତା କରିନଥାନ୍ତି। କିନ୍ତୁ ବଡ଼ ଖୁସିର କଥା ସରକାର ହୋଲି ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଖବରକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା କରି ରାଜ୍ୟର ବଡ଼ ମେଡ଼ିକାଲ ହେଉ ବା ଶିଶୁଭବନ, ଜିଲ୍ଲା ହସ୍‌ପିଟାଲ ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସବୁଠାରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ଚିକିତ୍ସା ବା ପରାମର୍ଶକୁ ଗୁରୁତ୍ୱ ଦେଇଥାନ୍ତି। ପିଲାମାନେ ସ୍ୱାଭାବିକ ଭାବରେ ଖେଳ ଓ ଆନନ୍ଦ ପ୍ରିୟ ହୋଇଥିବାରୁ ସେମାନେ ପରବର୍ତ୍ତୀ ତତ୍‌ଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଚିନ୍ତା କରିନଥାନ୍ତି ଯାହାକି ସବୁଠାରୁ ବଡ଼ ସମସ୍ୟାର କାରଣ ହୋଇଥାଏ। ଅଭିରର ରଙ୍ଗ ଗୁଣ୍ଡ କେତେକ କ୍ଷେତ୍ରରେ ଖରାପ ହୋଇପାରିନଥାଏ ସତ କିନ୍ତୁ ବର୍ତ୍ତମାନ ବଜାରରେ ବିକ୍ରୀ ହେଉଥିବା ରାସାୟନିକ ରଙ୍ଗଯୁକ୍ତ ଅଭିର ହେଉ ବା ହୋଲି ପିଚ୍‌କାରୀର ରଙ୍ଗ ଏହା ନିଶ୍ଚିତ ଭାବେ ପିଲାମାନଙ୍କ ବିଶେଷ କରି ଚର୍ମ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରିଥାଏ। ଦ୍ୱିତୀୟତଃ ପିଲାମାନେ ବେଳେ ବେଳେ ରଙ୍ଗ ବୋଳିକା କ୍ଷେତ୍ରରେ ଚକ୍ଷୁକୁ ଗୁରୁତ୍ୱ ଦେଉନଥିବାରୁ ଏହା ସବୁଠାରୁ ମୂଲ୍ୟବାନ ଚକ୍ଷୁକୁ ହିଁ ପ୍ରଭାବିତ କରିବାର ସମ୍ଭାବନାକୁ ସୃଷ୍ଟି କରିପାରେ ଯାହାକି ପରବର୍ତ୍ତୀ ସମୟରେ କୋମଳମତି ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥାଏ।

ସବୁଠାରୁ ବଡ଼ ଖୁସିର କଥା ବିଶେଷକରି ହୋଲି ସମୟରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଭାବରେ ତତ୍ପରତା ପ୍ରକାଶ ପାଇଥାଏ। ଏହାର ଯଥେଷ୍ଟ ପୂର୍ବରୁ ଗଣମାଧ୍ୟମରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସମ୍ବନ୍ଧରେ ବିଭିନ୍ନ ସଚେତନଧର୍ମୀ, ବିଜ୍ଞାପନ ଓ ଲେଖା ପ୍ରକାଶ ପାଇଥାଏ। ପିଲାମାନଙ୍କ ପାଇଁ ହୋଲି ଓ ରଙ୍ଗର ମହାପାର୍ବଣ ବେଶ୍ ହସଖୁସିରେ ବିତୁ ଏହା ସମସ୍ତେ ଚାହିଁଥାନ୍ତି କିନ୍ତୁ ସାମାନ୍ୟ ଅସତର୍କତା ରହିଲେ ଏହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ କଷ୍ଟର ସମସ୍ୟାକୁ ନେଇ ଏକ ବିରାଟ ବଡ଼ ପାହାଡ଼ ସୃଷ୍ଟି କରିଥାଏ। ଏହି ସମୟରେ ପ୍ରାୟତଃ ବିଦ୍ୟାଳୟ ଓ ଶିକ୍ଷାୟତନ ଛୁଟି ନେଉଥିବାରୁ ପିଲାମାନେ ଛୁଟି ଅବସର ପାଇ ରଙ୍ଗ ଓ ଫଗୁଣର ମହୋତ୍ସବକୁ ବେଶ୍ ହସଖୁସିର ସହିତ ପାଳନ କରୁଥିଲେ ବି ସେମାନଙ୍କର ସାମାନ୍ୟ ସତର୍କତାର ଅଭାବ ପରବର୍ତ୍ତୀ ସମୟରେ ଅତ୍ୟନ୍ତ କଷ୍ଟକର ମୁହୂର୍ତ୍ତ ସୁଯୋଗକୁ ନେଇ ସୃଷ୍ଟି କରିଥାଏ। ସମ୍ପ୍ରତି ସରକାର ସବୁଠାରୁ କ୍ଷୁଦ୍ରତମ କୁହାଯାଉଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ ବା ଗୋଷ୍ଠୀସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ହେଉ ବା ସବୁଠାରୁ ଶିଶୁରୋଗ ବିଭାଗ ପାଇଁ ସର୍ବାଧିକ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱକୁ ପ୍ରାଥମିକତା ଦିଆଯାଉଥିବା କଟକର ଶିଶୁଭବନ, ହୋଇପାରେ ସବୁଠାରୁ ବଡ଼ ହସ୍‌ପିଟାଲ। ରାଜ୍ୟ ସରକାର ଏହି ନିଷ୍ପାପ କୋମଳମତି ଶିଶୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ଚିନ୍ତା କରି ସେମାନଙ୍କ ଚିକିତ୍ସା ଓ ପରାମର୍ଶକୁ ଅଧିକ ଗୁରୁତ୍ୱ ଦେଇ ଚିକିତ୍ସା ସେବାକୁ ତ୍ୱରାନ୍ୱିତ କରିଥାନ୍ତି। ଏହାକୁ ଚିନ୍ତା କରି ପ୍ରାୟତଃ ଶିଶୁରୋଗୀମାନେ ସରକାର ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆପଣାଇଲେ ନିଶ୍ଚିନ୍ତ ଭାବେ ପିଲାମାନେ ବେଶ୍ ହସଖୁସିର ସହିତ ହୋଲିକୁ ପାଳିପାରିବେ ଏଥିରେ ଦ୍ୱିରୋକ୍ତି ନାହିଁ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର*

# ଐତିହ୍ୟର ପୁନଃ ସ୍ଥାପନାର ଯୋଗୀ ମଡେଲ : ସମ୍ବଲ



ଡ ସମନ୍ୱୟ ନନ୍ଦ

କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲର ତଥାକଥିତ ଜାମା ମସଜିଦର ସର୍ଭେ କରିବାକୁ ଯାଇଥିବା ଟିମ ଉପରେ ହୋଇଥିବା ଆକ୍ରମଣ ଓ ପରବର୍ତୀ ହିଂସା ଘଟଣାକୁ ଶହେ ଦିନ ବିତି ଯାଇଛି। ଏହି ଶହେ ଦିନ ମଧ୍ୟରେ ଉତ୍ତର ପ୍ରଦେଶର ଯୋଗୀ ସରକାର ସେଠାକାର ଦଙ୍ଗାକାରୀଙ୍କୁ ନିୟନ୍ତ୍ରଣ କରିବା ସହ ସମ୍ବଲ ଅଂଚଳର ପୁରାତନ ଐତିହ୍ୟର ପୁନଃ ସ୍ଥାପନା କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତମାନ ସୁଦ୍ଧା ସମ୍ବଲ ଅଂଚଳର ୪୧ ଟି ତୀର୍ଥସ୍ଥଳ ଓ ୧୯ ଟି ପୁରାତନ ପବିତ୍ର କୂଅର ପୁନରୁଦ୍ଧାର କରାଯାଇଛି। ଏହି ଅଂଚଳକୁ ହିନ୍ଦୁ ବିହୀନ କରିବା ପରେ ଏହି ପବିତ୍ର ସ୍ଥାନ ଗୁଡିକ ଉପରେ କଟ୍ଟରପନ୍ଥୀ ମୁସଲମାନ ମାନଙ୍କ ଦ୍ୱାରା କବଜା କରି ନିଆଯାଇଥିଲା। ଯୋଗୀ ସରକାରଙ୍କ ପୋଲିସ ଓ ପ୍ରଶାସନ ଏହି ପବିତ୍ର ସ୍ଥାନ ଗୁଡିକୁ ଜବର ଦଖଲରୁ ମୁକ୍ତ କରାଯାଇଛି।

ସମ୍ବଲରେ ଯେଭଳି ଘଟଣା ଘଟିଥିଲା ଓ ବର୍ତମାନ ଯାଏ ଯେପରି ଭାବରେ ଯୋଗୀ ସରକାର କାମ କରିଛନ୍ତି ତାହାର ବାସ୍ତବରେ ଯେତେ ପ୍ରଶଂସା କଲେ ମଧ୍ୟ କମ ହେବ। ସମ୍ବଲରେ ଘଟିଥିବା ଘଟଣା ସମସ୍ତଙ୍କର ମନେ ଥିବ। ସେଦିନ ଥିଲା ନଭେମ୍ବର ମାସର ଶେଷ ସପ୍ତାହର ରବିବାର। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲର ତଥାକଥିତ ଜାମା ମସଜିଦରେ ସକାଳ ୯ଟାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହିନ୍ଦୁ ମାନଙ୍କ ପକ୍ଷରୁ ଏହାକୁ ହରିହର ମନ୍ଦିର ବୋଲି ଦାବି କରାଯାଉଥିବା କାରଣରୁ ଏହାକୁ ନେଇ କୋର୍ଟ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସକାଳ ସମୟରେ ଯେତେବେଳେ ସର୍ଭେ କରିବାକୁ ଟିମ ମସଜିଦ ପହଂଚିଥିଲା ସେତେବେଳେ ହଠାତ ଶହ ଶହ ସଂଖ୍ୟାରେ ଇସଲାମୀ ଭୀଡ ସେଠାରେ ପହଂଚି ପଥର ଫିଙ୍ଗିବା ଆରମ୍ଭ କରି ଦେଇଥିଲେ। ଏହି ଇସଲାମୀ ଭୀଡ ମଧ୍ୟରେ ନାବାଳକ ମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକ ମାନେମଧ୍ୟ ସାମିଲ ଥିଲେ। ପୋଲିସ ପ୍ରଶାସନକୁ ସ୍ଥିତିକୁ ନିୟନ୍ତ୍ରିତ କରିବାକୁ ଖୁବ ପରିଶ୍ରମ କରିବାକୁ ପଡିଥିଲା। ଲାଠି ଚାର୍ଜ ଠାରୁ ଆରମ୍ଭ କରି ଟିୟର ଗ୍ୟାସର ପ୍ରୟୋଗ କରିବାକୁ ପଡିଥିଲା। ସଙ୍ଗେ ସଙ୍ଗେ ଏହି ଉପଦ୍ରବକୁ ରୋକିବାକୁ ପିଏସି ଓ ରାପିଡ ଆକ୍ସନ ଫୋର୍ସର ଅତିରିକ୍ତ ଯବାନଙ୍କୁ ମୁତୟନ କରିବାକୁ ପଡିଥିଲା। ଭିଡ ପକ୍ଷରୁ ଗୁଳି ଚାଳନା ମଧ୍ୟ କରାଯାଇଥିଲା। ଏହି ଗୁଳିରେ ଅନେକ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା। ପ୍ରଶାସନ ଏହି ମାମଲାକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ନେଇଥିଲା। ପ୍ରଥମେ କୋର୍ଟ ପରିସରରେ ସର୍ଭେ କରିବାକୁ ଯାଇଥିବା ଟିମକୁ ସୁରକ୍ଷିତ ବାହାର କରାଯିବା ସହ ପରେ ଏହି ମାମଲାକୁ ନିୟନ୍ତ୍ରିତ କରାଯାଇଥିଲା।

ସମ୍ବଲ କେବେ ହିନ୍ଦୁ ମାନଙ୍କର ଏକ ପ୍ରମୁଖ ତୀର୍ଥ ସ୍ଥଳୀ ଥିଲା। ସେଠାରେ ଅନେକ ମନ୍ଦିର, ପବିତ୍ର କୂଅ ଆଦି ରହିଥିଲା। ସ୍ଥାନୀୟ ମାନ୍ୟତା ରହିଛି ଯେ ସମ୍ବଲରେ ଭଗବାନ କଲକୀ ଅବତାର ଭାବେ ଜନ୍ମଗ୍ରହଣ କରିବେ। କିନ୍ତୁ ଗତ କିଛି ବର୍ଷ ଧରି ସମ୍ବଲରେ ଡେମୋଗ୍ରାଫିରେ ପରିବର୍ତନ ଘଟିଛି। ସେଠାରେ ଡେମୋଗ୍ରାଫି ପରିବର୍ତନ କାରଣରୁ ସ୍ଥାନୀୟ ହିନ୍ଦୁ ମାନେ ଏହି ଅଂଚଳରୁ ପଳାୟନ କରିଛନ୍ତି।

ତେବେ ପ୍ରଶ୍ନ ଉଠୁଛି ଯେ ସମ୍ବଲରେ ଯେଉଁ ସର୍ଭେ କରାଯାଉଥିଲା ତାହା ପ୍ରଶାସନ କରୁ ନ ଥିଲା ବରଂ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କରାଯାଉଥିଲା। ତେବେ ଏହି ସର୍ଭେ ବିରୁଦ୍ଧରେ ଶହ ଶହ ସଂଖ୍ୟାରେ ଲୋକ ଏକାଠି ହୋଇ ପଥର ମାଡ କାହିଁକି କରୁଥିଲେ ? ଏହି ଭିଡ କଣ ସକାଳୁ ସକାଳୁ ସ୍ୱତଃ ପ୍ରବୃତ ଭାବେ ଏକାଠି ହୋଇଥିଲା ନା ଏହି ଭିଡକୁ କିଏ ଏକାଠି କରିବାକୁ ଆବଶ୍ୟକୀୟ ଯୋଜନା କରିଥିଲା। ଦେଶ- ବିଦେଶରେ ଅନେକ ସ୍ଥାନରେ ଏଭଳି ଅନେକ ଘଟଣା ଦେଖିବାକୁ ମିଳେ ଯେ, ପ୍ରଶାସନକୁ ଚାପ ଗ୍ରସ୍ତ କରିବାକୁ ଏଭଳି ଭୀଡକୁ ରାସ୍ତାକୁ ଓହ୍ଲାଇ ଦିଆଯାଏ। ଭୀଡକୁ ଦେଖିବା ପରେ ପ୍ରଶାସନ ଚାପର ଶୀକାର ହୋଇଯାଏ ଓ ନ୍ୟାୟ ପ୍ରଦାନ କରିବାକୁ ଯାହା କରିବା ଆବଶ୍ୟକ, ପ୍ରଶାସନ ତାହା କରି ପାରେ ନାହିଁ। ଆଇନ ଶୃଙ୍ଖଳା ପରିସ୍ଥିତି ଖରାପ ହେବାର ଆଶଙ୍କାରର ଆଳ ଦେଖାଇ ପ୍ରଶାସନ ଚୁପ ବସି ଯାଏ। ଦେଶରେ ଅନେକ ସମୟରେ ଓ ଅନେକ ସ୍ଥାନରେ ଏଭଳି ଘଟଣା ବାରମ୍ବାର ଦେଖିବାକୁ ମିଳିଛି ଯେତେବେଳେ ଉଗ୍ର ଭୀଡ ରାସ୍ତାକୁ ଆସି ଯିବା କାରଣରୁ ପ୍ରଶାସନ ଚାପର ଶୀକାର ହୋଇଯାଏ ଓ ଯାହା କରିବା ଆବଶ୍ୟକ ତାହା କରେ ନାହିଁ। ସମ୍ବଲରେ ମଧ୍ୟ ଏହି ଇସଲାମୀ ଭୀଡକୁ ରାସ୍ତାକୁ ଓହ୍ଲା କରାଇବା ପଛରେ ଯେଉଁ ଶକ୍ତି ମାନେ ରହିଥିଲେ ସେମାନଙ୍କର ମଧ୍ୟ ସେହି ଉଦ୍ଦେଶ୍ୟ ଥିଲା। ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ତଥାକଥିତ ମସଜିଦର ସର୍ଭେକୁ ରୋକିବା ଓ ସମ୍ବଲ ସହରରେ ଥିବା ଐତିହ୍ୟ ଗୁଡିକ ଉପରେ କିଭଳି ଖୋଳତାଡ ନ ହେବ ତାହା ସୁନିଶ୍ଚିତ କରିବା। ଅନ୍ୟ କେଉଁ ରାଜ୍ୟ ହେଲେ ଏହି ଅରାଜକ ତତ୍ୱ ମାନେ ସେମାନଙ୍କର ପ୍ରଚେଷ୍ଟାରେ ସଫଳ ହୋଇ ଯାଇଥାନ୍ତେ। ହେଲେ ଉତର ପ୍ରଦେଶରେ ଯୋଗୀ ଆଦିତ୍ୟନାଥ ସରକାର ଥିବା କାରଣରୁ ସେମାନଙ୍କର ଉଦ୍ଦେଶ୍ୟରେ ସଫଳ ହୋଇ ପାରି ନାହାନ୍ତି।

ସମ୍ବଲରେ ନଭେମ୍ବର ୨୪ ତାରିଖ ଦିନ ଯେଉଁ ଅରାଜକତା ଦେଖା ଦେଇଥିଲା ତା ପଛରେ ଗଭୀର ଷଡଯନ୍ତ୍ର ଥିବାର ପ୍ରମାଣ ପରବର୍ତୀ ଜାଂଚରେ ମିଳିଥିଲା। ସେଠାରେ ବ୍ୟବହାର କରାଯାଇଥିବା ଗୁଳି ମଧ୍ୟ ପାକିସ୍ତାନର ବୋଲି ଜଣା ପଡିଥିଲା। ଏହି ସତ୍ୟ ସାମନାକୁ ଆସିବା ପରେ ଏହି ମାମଲାର ବିଦେଶୀ କନେକ୍ସନକୁ ନେଇ ମଧ୍ୟ ପୋଲିସ ଜାଂଚ ଜାରୀ ରଖିଛି।

ସମ୍ବଲରେ ଇସଲାମୀ କଟ୍ଟରପନ୍ଥୀ ମାନେ ବାରମ୍ବାର ହିନ୍ଦୁ ମାନଙ୍କ ଉପରେ ଆକ୍ରମଣ କରି ଆସିଛନ୍ତି। ୧୯୭୮ ମସିହାରେ ହିନ୍ଦୁ ମାନଙ୍କ ଉପରେ ଯେପରି ଆକ୍ରମଣ କରା ଯାଇଥିଲା ଓ ପୋଲିସ ଆକ୍ରମଣକାରୀ ମାନଙ୍କୁ ଧରିବା ପରିବର୍ତେ ସେମାନଙ୍କୁ ସୁରକ୍ଷା ଦେଇଥିଲା ତା ପରେ ଏହି ଅଂଚଳରୁ ହିନ୍ଦୁ ମାନେ ପଳାୟନ କରି ଯାଇଥିଲା। ଅଂଚଳ ସମ୍ପୂର୍ଣ୍ଣ ହିନ୍ଦୁ ବିହୀନ ହୋଇଯାଇଥିଲା। ତେଣୁ ଏଥର ମଧ୍ୟ କଟ୍ଟରପନ୍ଥୀ ମୁସଲମାନ ମାନେ ସେଇଆ କରିବେ ବୋଲି ଭାବୁଥିଲେ। ଅରାଜକତା ସୃଷ୍ଟିକାରୀ ମାନଙ୍କ ମନରେ ଥିଲା ଯେ ସେମାନେ ରାସ୍ତାରେ ଉଗ୍ର ଭୀଡ ପ୍ରଦର୍ଶନ କରି ଓ ପଥର ଫିଙ୍ଗି ପ୍ରଶାସନକୁ ଚାପରେ ଚେପା କରିଦେବେ ଓ ସେମାନେ ଯାହା ଚାହିଁବେ ତାହା କରି ପାରିବେ। କିନ୍ତୁ ଯୋଗୀ ପ୍ରଶାସନ ସେମାନଙ୍କୁ ଭୁଲ ପ୍ରମାଣିତ କରିଛି। ଯୋଗୀଙ୍କ ପୋଲିସ ଜଣେ ଜଣେ ଅରାଜକତା ସୃଷ୍ଟି କାରୀଙ୍କୁ ଚିହ୍ନଟ କରି ଜେଲ ପଠାଇବାରେ ଲାଗିଛି। ଏହି ମାମଲା ପରେ ପୋଲିସ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପରେ ୩ ଶହରୁ ୫ ଶହ ଘରେ ତାଲା ପଡିଛି। ଗିରଫ ହେବା ଭୟରେ ୨ ହଜାରରୁ ଅଧିକ ଲୋକ ସହର ଛାଡି ଚାଲି ଯାଇଛନ୍ତି। ୧୯୭୮ ମସିହାର ଦଙ୍ଗା ପରେ ହିନ୍ଦୁ ମାନଙ୍କ ଘର ଗୁଡିକୁ କବଜା କରି ରହୁଥିବା ଲୋକ ମାନେ ମଧ୍ୟ ଭୟରେ ଛାଡି ଚାଲିଯାଇଛନ୍ତି। ଏହାର କାରଣ ହେଲା ଯେ ପୋଲିସ ଦ୍ୱାର – ଦ୍ୱାର ଯାଇ ସର୍ଭେ କରୁଛି। ଯୋଗୀଙ୍କ ପୋଲିସ ସେମାନଙ୍କର ନିଦ ହଜାଇ ଦେଇଛି। ଅରାଜକତାବାଦୀଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ସହିତ ଏହି ଶହେ ଦିନ ମଧ୍ୟରେ ଐତିହ୍ୟର ପୁନରୁଦ୍ଧାର ମୋର୍ଚାରେ ମଧ୍ୟ ଯୋଗୀ ସରକାର ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ବର୍ତମାନ ସୁଦ୍ଧା ସମ୍ବଲ ଅଂଚଳର ୪୧ ଟି ତୀର୍ଥସ୍ଥଳ ଓ ୧୯ ଟି ପୁରାତନ ପବିତ୍ର କୂଅର ପୁନରୁଦ୍ଧାର କରାଯାଇଛି। ଏଏସଆଇ ଦ୍ୱାରା ସଂରକ୍ଷିତ ଅମରପତି ଖେଡା ଯାହା ୭୫ ବର୍ଷ ଧରି ଜବର ଦଖଲ କାରଣରୁ ହଜି ଯାଇଥିଲା ତାକୁ ପୁନରୁଦ୍ଧାର କରାଯାଇଛି। ଏହା ହେଉଛି ଦଧିଚୀ ଆଶ୍ରମ ଓ ଏଠାରେ ପୃଥ୍ୱୀରାଜ ଚୌହାନଙ୍କ ଗୁରୁ ଅମରପତିଙ୍କ ସମାଧି ରହିଛି। ଏକ ବହୁ ପୁରାତନ ଶିବ ମନ୍ଦିରକୁ ଜବର ଦଖଲରୁ ମୁକ୍ତ କରାଯାଇ ସେଠାରେ ପ୍ରତିଦିନ ପୂଜା ଅର୍ଚ୍ଚନା କରାଯାଉଛି। ସେହିପରି କାର୍ତିକେଶ୍ୱର ମନ୍ଦିର ଓ ରାଧା କୃଷ୍ଣ ମନ୍ଦିରକୁ ୪୬ ବର୍ଷ ପରେ ଖୋଲା ଯାଇଛି।

ଭାରତର ଐତିହ୍ୟର ପୁନଃ ସ୍ଥାପନା କିପରି କରାଯାଇ ପାରେ ତାର ଏକ ଶ୍ରେଷ୍ଠ ରାସ୍ତା ଦେଖାଇଛନ୍ତି ଉତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର। କୋର୍ଟର ନିର୍ଦ୍ଦେଶ କ୍ରମେ ସର୍ଭେ କରିବାକୁ ଯାଇଥିବା ଦଳ ଉପରେ ହଜାର ହଜାର ସଂଖ୍ୟାର ଭୀଡ ଦ୍ୱାରା ଅତର୍କିତ ଆକ୍ରମଣ କରାଯିବା ଓ ପରେ ହିଂସାରେ କିଛି ଲୋକଙ୍କ ମୃତ୍ୟୁ ହେବା ଓ କର୍ଫ୍ୟୁ ଲଗା ଯିବା ଘଟଣା ପର ଠାରୁ ଯୋଗୀ ସରକାର ଯେଉଁ କାମ କରିଛନ୍ତି ତାହା ପ୍ରଶଂସାଯୋଗ୍ୟ। ଯୋଗୀ ସରକାରଙ୍କ ଐତିହ୍ୟ ପୁନଃ ସ୍ଥାପନା ପାଇଁ ଇଚ୍ଛା ଶକ୍ତି ସବୁ ରାଜ୍ୟ ପାଇଁ ଏକ ମଡେଲ ସଦୃଶ। ଅନ୍ୟ ରାଜ୍ୟ ମାନେ ମଧ୍ୟ ଯୋଗୀଙ୍କ ମଡେଲକୁ ଆପଣାଇବାର ସମୟ ଆସିଛି।




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶ୍ରୁତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁଟୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ। ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)- ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday March 13 | ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୧୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଅନୁଗୁଳରୁ କାମାକ୍ଷା ନଗର ଦେଇ ଯାଜପୁର ରେଳ ଲାଇନ ରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ନିବେଦନ



ଅନୁଗୁଳ,(ପି.ଏନ):ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଆଜି ବୁଧବାର ଲୋକସଭା ରେ ଅନୁଗୁଳ ଯାଜପୁର ରେଳ ଲାଇନ ରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ଦାବୀ କରିଛନ୍ତି । ବିଗତ ୨୫ବର୍ଷ ପୂର୍ବେ ଅଟଳବିହାରୀ ବାଜପେୟୀଙ୍କ ସରକାର ରେ ଅନୁଗୁଳ ସୁକିନ୍ଦା ରେଳ ଲାଇନ ପାଇଁ ତତ୍କାଳୀନ ରେଳ ମନ୍ତ୍ରୀ ରାମ ବିଳାସ ପାଶୱାନ ଶିଳାନ୍ୟାସ କରିଥିଲେ। ପରବର୍ତୀ ସମୟରେ ନରେନ୍ଦ୍ର ମୋଦୀଙ୍କ ସରକାରରେ ଉକ୍ତ ରେଳ ଲାଇନ କାର୍ଯ୍ୟ ଶେଷ ହୋଇ ଦୁଇ ବର୍ଷ ହେବ ଉକ୍ତ ରେଳପଥ ରେ ମାଲବାହି ଟ୍ରେନ ଚଳାଚଳ କରୁଛି ।ସେ ସମୟରେ ବହୁ କମ ପଇସାରେ ଜନ ସାଧାରଣ ରେଲୱେ ପାଇଁ ନିଜର ଜମି ଦେଇଥିଲେ ଏବଂ ସ୍ୱପ୍ନ ଦେଖିଥିଲେ ଆମ ଅଂଚଳ ଦେଇ ଯାତ୍ରୀବାହୀ ଟ୍ରେନ ଚାଲିବ କିନ୍ତୁ ଏ ଯାଏ ଯାତ୍ରୀବାହୀ ଟ୍ରେନ ଚାଲିନାହିଁ ବୋଲି ଶ୍ରୀ ପାଣି ଲୋକସଭା ରେ ଧ୍ୟାନ ଆକର୍ଷଣ କରିଛନ୍ତି । ଅନୁଗୁଳ ଦେଇ ବୁଢ଼ାପଙ୍କ, ପରଜଙ୍ଗ ,କାମାକ୍ଷା ନଗର, ଭୁବନ, ସୁକିନ୍ଦା ଦେଇ ଯାଜପୁର ପର୍ଯ୍ୟନ୍ତ ରେଳପଥ ରେ ଯାତ୍ରୀବାହୀ ଟ୍ରେନ ଏବଂ ପରବର୍ତୀ ସମୟରେ ତାକୁ ପୁରୀ ପର୍ଯ୍ୟନ୍ତ ଏବଂ ହାୱଡ଼ା ପର୍ଯ୍ୟନ୍ତ ଟ୍ରେନ ଚଳାଚଳ ଓ ଏକ୍ସପ୍ରେସ ଟ୍ରେନ ଉକ୍ତ ଅଂଚଳ ଦେଇ ଚଳାଚଳ କରିବାକୁ ସାଂସଦ ଶ୍ରୀ ପାଣି କେନ୍ଦ୍ର ସରକାର ତଥା ଓଡିଶା ରୁ ଯାଇଥିବା ରେଳ ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନିବେଦନ କରିଛନ୍ତି ।ପ୍ରକାଶ ଥାଉକି ଏହା ପୂର୍ବରୁ ସାଂସଦ ଶ୍ରୀ ପାଣି ଉକ୍ତ ଦାବୀ ନେଇ ବହୁବାର ବିଭିନ୍ନ ମହଲ ରେ ଜଣାଇ ଆସୁଛନ୍ତି ।

# ଧର୍ମପଦ ପ୍ରେସ କ୍ଲବ୍ କର୍ମକର୍ତ୍ତା ଚୟନ (ପୁନର୍ଗଠିତ)





କୋଣାର୍କ,(ପିଏନ୍): କୋଣାର୍କର ସର୍ବ ପୁରାତନ ସାମ୍ବାଦିକ ସଂଗଠନ ଧର୍ମପଦ ପ୍ରେସ କ୍ଲବ୍ ପୁନର୍ଗଠନ ସହ କର୍ମକର୍ତ୍ତା ଚୟନ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକଙ୍କ ଅଧିକାର ସହ ଜନ ସାଧାରଣଙ୍କ ପାଇଁ ନିରେପେକ୍ଷ କାର୍ଯ୍ୟ କରିବା ଲକ୍ଷ ନେଇ ଏହି ପୂରାତନ କ୍ଲବ୍ ପୁନର୍ଗଠିତ କରାଯାଇଛି। ବୟୋଜ୍ୟେଷ୍ଠ ସାମ୍ବାଦିକ ମହେଶ୍ୱର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବୈଠକରେ କ୍ଲବ୍ ପୁନର୍ଗଠିତ ଓ ନୂତନ ଯୁବ କର୍ମକର୍ତା ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ପ୍ରତାପ କୁମାର କାଣ୍ଡିଙ୍କୁ ନୂତନ ସଭାପତି ଭାବେ ଚୟନ କରାଯାଇଥିଲା ବେଳେ ସାଧାରଣ ସମ୍ପାଦକ ଭାବେ ଜ୍ଞାନ ରଞ୍ଜନ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। କ୍ଲବର କୋଷାଧ୍ୟକ୍ଷ ଭାବେ ସୁକାନ୍ତ କୁମାର ବିଶ୍ୱାଳ, ଉପ ସଭାପତି ଭାବେ ସନ୍ତୋଷ ଗୋଚ୍ଛାୟତ, ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ କୁମାର ଚାନ୍ଦ ଓ ଅଜିତ କୁମାର ଚୌଧୁରୀ, ସାଂସ୍କୃତିକ ଓ ମିଡ଼ିଆ ସଂଯୋଜକ ଭାବେ ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମଲ୍ଲିକ, କାର୍ଯ୍ୟକାରୀ କମିଟିର ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଅବନୀ ଭୂଷଣ ବାରିକ ମନୋନୀତ ହୋଇଛନ୍ତି। ସେହିପରି ଆଇନ୍ ପରାମର୍ଶଦାତା ଭାବେ ଆଇନଜୀବୀ ପ୍ରଦୀପ କୁମାର ପାତ୍ର, ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ସାମଲ, ସତ୍ୟ ଖବର ସମ୍ପାଦକ ଅକ୍ଷୟ କୁମାର ନାୟକ ଓ ଧର୍ମପଦ ପ୍ରେସ କ୍ଲବ ପୂରାତନ ସଭାପତି ମୋହନ ପ୍ରଧାନଙ୍କୁ ଚୟନ କରାଯାଇଛି। ନିରେପେକ୍ଷ ଖବର ପ୍ରକାଶ କରିବା ସହିତ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ ଜାରି ରଖିବାକୁ ବରିଷ୍ଠ ଉପଦେଷ୍ଟା ମାନେ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଧାମରା, (ପି.ଏନ): ଆଦାନୀ ଫାଉଣ୍ଡେସନ ପକ୍ଷରୁ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । କୁଆମରାସ୍ଥିତ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦାନୀ ପୋର୍ଟ ପାରିପାର୍ଶ୍ୱସ୍ଥ ପଞ୍ଚାୟତରୁ ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଏହି ମହିଳାମାନଙ୍କୁ ବ୍ୟାଗ୍ ଏବଂ ଛତା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଦାନୀ ଧାମରା ପୋର୍ଟର ସିଏସ୍ଆର୍ ମୁଖ୍ୟ ଡଃ ଦେବାଶିଷ ମୁଖାର୍ଜୀ, ଆଦାନୀ ଡିଏଭି ପବ୍ଲିକ ସ୍କୁଲ ଅଧକ୍ଷା କ୍ରିଷ୍ଣାପ୍ରିୟା ଷଡଙ୍ଗୀ, ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର ଅଧକ୍ଷ ରାଜେନ୍ଦ୍ର ନାୟକ, ଚାନ୍ଦବାଲି ସିଡିପିଓ କଳ୍ପନା ନାୟକ ଏବଂ ଅଙ୍ଗନାୱାଡ଼ି ସୁପରଭାଇଜରମାନେ ଯୋଗ ଦେଇଥିଲେ । ଅଙ୍ଗନୱାଡ଼ି କର୍ମୀମାନେ ନିଜ ନିଜର ଜୀବନ କାହାଣୀ ବଖାଣିବା ଥିଲା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ । ଶୈଶବ ସମୁଦାୟର ଯତ୍ନର ମେରୁଦଣ୍ଡ ଭାବେ କାର୍ଯ୍ୟ କରୁଥିବା ଏହି ମହିଳାମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେ, ସେମାନଙ୍କର ବିକାଶ ଏବଂ ସେମାନଙ୍କର ପ୍ରଭାବ ବିଷୟରେ କହିଥିଲେ । ମହିଳା ଉଦ୍ୟୋଗୀ କଳ୍ପନା ମିଶ୍ରଙ୍କ ଅଭିନବ ଜୀବନଯାତ୍ରାର ସଫଳ କାହାଣୀ ମହିଳାମାନଙ୍କୁ ବେଶ୍ ପ୍ରୋତ୍ସାହିତ କରିଥିଲା । ସରକାରୀ କାର୍ଯ୍ୟକ୍ରମର ଆର୍ଥିକ ସହାୟତା ମାଧ୍ୟମରେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଉଦ୍ୟମରେ ବ୍ୟାଗ୍ ପ୍ରସ୍ତୁତ କରି ସଫଳ ଭାବେ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି ବୋଲି ସେ କହିଥିଲେ।

# ଗୋଟିଏ ଦିନରେ ୪୬ ତାପଜ କୋଇଲା ରେଳ ରେକ ଖଲାସ କରି ପୁନର୍ବାର ପାରାଦୀପ ବନ୍ଦରର ରେକର୍ଡ




ପାରାଦୀପ,(ପି.ଏନ): ପଣ୍ୟ ପରିଚାଳନା ଓ କାରବାର କ୍ଷେତ୍ରରେ ଦେଶର ଏକ ନମ୍ବର ବୃହତ ବନ୍ଦର ପାରାଦୀପ ବନ୍ଦର ପ୍ରାଧିକାରଣ ତାର ଆନୁସଙ୍ଗିକ ବ୍ୟବସ୍ଥା ଯୋଗୁଁ ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ସ୍ଥାପନ କରି ଚାଲିଛି । ତେବେ ଗତ ମାର୍ଚ୍ଚ ୧୦ ତାରିଖରେ ଗୋଟିଏ ଦିନରେ ୪୬ ତାପଜ କୋଇଲା ରେଳ ରେକ ଖଲାସ କରି ପାରାଦୀପ ବନ୍ଦର ଗତ ଜାନୁଆରୀ ୧୬ ତାରିଖରେ ତାର ପୂର୍ବ ରେକର୍ଡ ୪୫ ରେକ ଖଲାସର ରେକର୍ଡ କୁ ଅତିକ୍ରମ କରି ବିରଳ କୀର୍ତ୍ତିମାନ ସ୍ଥାପନ କରିଛି । ଏହି ସଫଳତା ହାସଲ ପାରାଦୀପ ବନ୍ଦରର ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ପିପିଏଲ କର୍ପୋରେଟ ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର



ପାରାଦୀପ,(ପି.ଏନ)ପାରାଦୀପ ଫସ୍ଫେଟସ୍ ଲିମିଟେଡ୍(ପିପିଏଲ୍) ର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର ଓଡ଼ିଶାର ମହାମହିମ ରାଜ୍ୟପାଳ ଡ଼ଃ.ହରି ବାବୁ କମ୍ଭମପତିଙ୍କୁ ଗତ ସୋମବାର ଦିନ ସୌଜନ୍ୟମୂଳ ସାକ୍ଷାତ କରିଥିଲେ । ଏହି ଅବସରରେ ରାଜ୍ୟପାଳ ଡ଼ଃ. କମ୍ଭମପତି ପିପିଏଲ ସାର କାରଖାନା ର ଉତ୍ପାଦନ,ପରିଚାଳନା, ଏହାର ପରିବେଶ ସୁରକ୍ଷା ଓ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ସବିଶେଷ ତଥ୍ୟ ଶ୍ରୀ ମିଶ୍ରଙ୍କ ଠାରୁ ଅବଗତ ହୋଇଥିଲେ କ୍ଷ ଶିଳ୍ପର ଉନ୍ନତିକରଣ, ଶିଳ୍ପର ଅଭିବୃଦ୍ଧି ଏବଂ ଆନୁସଙ୍ଗିକ ସୁବିଧା ସୁଯୋଗର ଉନ୍ନତି ନିମନ୍ତେ ରାଜ୍ୟପାଳ ଦିଗଦର୍ଶନ ଦେଇଥିବା ପିପିଏଲ୍ କର୍ପୋରେଟ ବ୍ୟାପାର ମୁଖ୍ୟ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# ବିଦ୍ୟୁତ ଜଳ ନିଗମରେ ମଜୁରୀ ନିର୍ଦ୍ଧାରଣର ଚୁକ୍ତି ପତ୍ର ସ୍ୱାକ୍ଷର



ଭୁବନେଶ୍ୱର, (ପି.ଏନ): ଆଜି ଓ.ଏଚ୍.ପି.ସି.ର ଚନ୍ଦକା ଠାରେ ଥିବା ଟ୍ରେନିଂ ସେଣ୍ଟରରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି, ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘର ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ମଜୁରୀ ନିର୍ଦ୍ଧାରଣ ଚୁକ୍ତି ହୋଇଥିଲା। ଉକ୍ତ ଚୁକ୍ତି ପତ୍ରରେ ସହାସଂଘ ତରଫରୁ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଫେଡେରେସନର ସାଧାରଣ ସମ୍ପାଦକ ସତ୍ୟବାଦିବାଗ, ନାରଣ ସିଂହ, ସମ୍ଭୁ ମହାପାତ୍ର, ଶ୍ରୀକୃଷ୍ଣ ପଟ୍ଟନାୟକ, ଦିଲିପ ସାହୁ, ନିରଞ୍ଜନ ସାମଲ ଓ ବାଲିମେଳା, ରେଙ୍ଗାଲି ବୁର୍ଲା ଚିପିଲିମା, ଅପରକୋଲାବରୁ ଆସିଥିବା ସଂଘର କର୍ମକର୍ତ୍ତା ସ୍ୱାକ୍ଷର କରିବା ସହିତ ଓଏଚପିସିର ପକ୍ଷରୁ ଶ୍ରୀମତୀ ଅନିମା ତ୍ରିପାଠୀ ନିର୍ଦ୍ଦେଶକ ମାନବ ସମ୍ବଳ, ଆଶିଷ କୁମାର ମହାନ୍ତି, ନିର୍ଦ୍ଦେଶକ, ଅପରେସନ ପ୍ରଣବ ମହାନ୍ତି, ଆର୍ଥିକ ନିର୍ଦ୍ଦେଶକ, ବାସୁଦେବ ସାହୁ ମାନବ ସମ୍ବଳ ଅଧିକାରି ଓ ଦେବାଶିଷ ବେହେରା ଦସ୍ତଖତ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray